ସକାଳ
THE SAKALA



## ଶଶୁର ଘରେ ଜ୍ୱାଇଁର ମୃତ୍ୟୁ; ଅଂଶୁଘାତ ସନ୍ଦେହ

**ବୈଶିଙ୍ଗା,୪।୪(ସମିସ):** ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ହରିପୁର ଗ୍ରାମର ଶଶୁରଘରେ ରହୁଥିବା ଜ୍ୱାଇଁଙ୍କୁ ଗୁରୁବାର ସନ୍ଧ୍ୟାରେ ବେତନଟୀ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣାଥାନା ଅଧୀନ ପାଳସିଆ ଉପକଣ୍ଠ ଜୁଣଦା ଗ୍ରାମର କନ୍ଦା ସୋରେନଙ୍କ ପୁଅ ଶ୍ରୀଧର ସୋରେନ(୨୮)। ସୂଚନା ମୁତାବକ ଶ୍ରୀଧରଙ୍କର ପାରିବାରିକ ସମସ୍ୟା କାରଣରୁ ପ୍ରାୟ ବର୍ଷକ ପୂର୍ବରୁ ଶଶୁର ଘର ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ହରିପୁର ଗ୍ରାମରେ ରହିଆସୁଥିଲେ। ଗୁରୁବାର ଅପରାହ୍ନରେ ଧାନ କୁଟିବାକୁ ନିକଟସ୍ଥ ହଲରକୁ ଯାଇଥିଲେ। ପ୍ରବଳ ଖରାରେ ସାଢେ ତିନିଟା ପାଖାପାଖି ସମୟରେ ଧାନ କୁଟିସାରି ଘରକୁ ଫେରିବାପରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡହଡହ ଖରାରେ ପ୍ରତ୍ୟାବର୍ତ୍ତନ କରିବାପରେ ଗୁରୁତର ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିବାରୁ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କୁଆମରା,୪।୪(ସମିସ):** ଖୁଣ୍ଟା ଥାନା ବହଳଦା ଗ୍ରାମର ଆଜି ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତ ମହିଳା ହେଉଛନ୍ତି ବୁଧୁରାମ ସିଂଙ୍କ ସ୍ତ୍ରୀ ରଇବାରୀ (୨୮)। ବୁଧବାର ରାତିରେ ରଇବାରୀଙ୍କୁ ହଠାତ୍ ବାନ୍ତି ହେବା ଯୋଗୁଁ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପରିବାର ଲୋକେ ଉଦଳା ଡାକ୍ତରଖାନାକୁ ନେଇଥିଲେ; ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

## ଫ୍ଲାଇଂସ୍କ୍ୱାର୍ଡ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି

**ବେତନଟୀ,୪।୪(ସମିସ):** ସାଧାରଣ ନିର୍ବାଚନ-୨୦୨୪କୁ ଦୃଷ୍ଟିରେ ରଖି ବେତନଟୀ ଥାନା ପକ୍ଷରୁ ମାଜିଷ୍ଟ୍ରେଟଙ୍କୁ ନେଇ ଗଠିତ ଫ୍ଲାଇଂସ୍କ୍ୱାଡ ଟିମ୍ ଗୁରୁବାର ତୁଳସୀଚଉରାଠାରେ ଯାନବାହନ ଯାଞ୍ଚକୁ କଡାକଡି କରିଛି। ମାଜିଷ୍ଟ୍ରେଟ ସ୍ନେହାଶିଷ ସାହୁଙ୍କ ଉପସ୍ଥିତିରେ ସବଇନସ୍ପେକ୍ଟର ନିରଞ୍ଜନ ସେଠୀ, ଗଣେଶ ପାତ୍ର ପ୍ରମୁଖ ପୁଲିସ ଅଧିକାରୀ ଏବଂ କର୍ମଚାରୀ ବିଭିନ୍ନ ଯାନବାହନର ଯାଞ୍ଚ କରିଥିଲେ। ବିଶେଷକରି ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟରଙ୍କୁ ପ୍ରଭାବିତ କରିବାକୁ କଳାଟଙ୍କା ଏବଂ ଚୋରାମଦ ଚାଲାଣ ଉପରେ ଫ୍ଲାଇଂସ୍କ୍ୱାର୍ଡ ଟିମ୍ ତୀକ୍ଷ୍ଣ ନଜର ରଖିଛି। ଏହି ଟିମ୍ ବେତନଟୀର ବିଭିନ୍ନ ପ୍ରବେଶପଥ ସମେତ ଗାଁ ଗହଳିରେ ଯାଞ୍ଚ ପ୍ରକ୍ରିୟାକୁ ଜାରି ରଖିଛି। ଯାଞ୍ଚ ସମୟରେ ଫ୍ଲାଇଂସ୍କ୍ୱାର୍ଡ ପକ୍ଷରୁ ଭିଡିଓଗ୍ରାଫି କରାଯାଉଛି।

## ଅଭିଯୁକ୍ତକୁ ରିମାଣ୍ଡରେ ଆଣିଲା ପୁଲିସ

**ବେତନଟୀ/ବୈଶିଙ୍ଗା,୪।୪(ସମିସ):** ଜନୈକା ମହିଳାଙ୍କୁ ଦୁଷ୍କର୍ମ କରିବା ଏବଂ ଭିଡିଓ ଭାଇରାଲର ଧମକଦେଇ ଟଙ୍କା ଆଦାୟ କରିବା ଘଟଣାରେ ଫେରାର ଅଭିଯୁକ୍ତର ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପରେ ବେତନଟୀ ଜେଏମଏଫସି କୋର୍ଟରେ ଆ।ସମର୍ପଣ କରିବା ଘଟଣାରେ ଗୁରୁବାର ଦୁଷ୍କର୍ମକାରୀ ଅଭିଯୁକ୍ତକୁ ରିମାଣ୍ଡରେ ଆଣି ଡାକ୍ତରୀ ମାଇନା କରାଇଛି ବୈଶିଙ୍ଗା ପୁଲିସ। ସୂଚନା ମୁତାବକ ଯୁଗୋଳ ଗ୍ରାମର ବିରଞ୍ଚି ଦାସଙ୍କ ପୁଅ ବିନୟଦାସ ଜନୈକା ମହିଳାଙ୍କୁ ଛୁରୀ ଦେଖାଇ ଦୁଷ୍କର୍ମ କରିବା ସହିତ ନଗ୍ନଭିଡିଓ ଉତ୍ତୋଳନ କରିଥିଲା। ଏହାପରେ ବ୍ଲାକମେଲିଂ କରି ଟଙ୍କା ଆଦାୟ କରିବା ସହିତ ଦୁଷ୍କର୍ମ ମଧ୍ୟ କରିଥିଲା। ଶେଷରେ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ବୈଶିଙ୍ଗା ପୁଲିସ ଚଳିତବର୍ଷ ଜାନୁଆରୀ ୨୭ ତାରିଖରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସେବେଠାରୁ ଫେରାର ଥିବା ଅଭିଯୁକ୍ତ ବିନୟ ଆଗୁଆ ଜାମିନ ପାଇଁ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହାପରେ ଚଳିତ ମାର୍ଚ୍ଚ ୨ ତାରିଖରେ ବେତନଟୀ ଜେଏମଏଫସି କୋର୍ଟରେ ଆତ୍ମସମର୍ପଣ ପରେ ଜାମିନ ନାମଞ୍ଜୁର ହୋଇଥିଲା। ମୁଦାଲା ବିନୟକୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଚୋରା ଦେଶୀ ମଦ ଜବତ; ଦୁଇ ଗିରଫ

**ମୋରଡା,୪।୪(ସମିସ):** ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗ ତତ୍ପର ହୋଇଉଠିଛି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ତେବେ ମୟୂରଭଞ୍ଜ ଜିଲା ମୋରଡା ଅବକାରୀ ବିଭାଗ। ଏହି କ୍ରମରେ ଆଜି ମୋରଡ଼ା ବ୍ଲକର ଦୁଇଟି ସ୍ଥାନରେ ଚଢଉ କରି ବେଆଇନ ଦେଶୀ ମଦ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଆଜି ଅବକାରୀ ବିଭାଗ ଚିକିଟାମାଟିଆ ପଞ୍ଚାୟତର ଭାତଛତର ଅଞ୍ଚଳର ଉଦୟସେନ ହେମ୍ବ୍ରମ ଏବଂ ପାରିଆକୁଲି ଗ୍ରାମର ରାଜକୁମାର ବାଗଙ୍କ ଘରେ ଚଢ଼ଉ କରି ୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ।

# ସବୁ ଦଳର ଲକ୍ଷ୍ୟ ରାଇରଙ୍ଗପୁର ଦଖଲ

**ରାଇରଙ୍ଗପୁର,୪।୪(ସମିସ):** ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଏକ ସମ୍ମାନସ୍ପଦ ଆସନ ହେଉଛି ରାଇରଙ୍ଗପୁର। ଏହି ମାଟିର ଝିଅ ଏବେ ଦେଶର ରାଷ୍ଟ୍ରପତି। ଏହି ଆସନ ରାଷ୍ଟ୍ରପତିଙ୍କ ପୂର୍ବ ରାଜନୈତିକ କ୍ଷେତ୍ର। ତେଣୁ କେବଳ ରାଜ୍ୟ ନୁହେଁ, ସାରା ଦେଶର ନଜର ରାଇରଙ୍ଗପୁର ଉପରେ। ଅପେକ୍ଷା କେବଳ ସବୁ ଦଳର ଉପଯୁକ୍ତ ପ୍ରାର୍ଥୀ ଘୋଷଣାକୁ। ପ୍ରତ୍ୟେକ ଦଳରେ ପ୍ରାର୍ଥୀ ହେବା ପାଇଁ ଏକାଧିକ ଆଶାୟୀଙ୍କ ଲମ୍ବା ତାଲିକା। କିଛି ଦଳରେ ଉପଯୁକ୍ତ ପ୍ରାର୍ଥୀ ଅଭାବ ଏବେ ଚର୍ଚ୍ଚାରେ। ଦଳବଦଳକାରୀଙ୍କୁ ଭରସା କରିପାରୁନି ଦଳ। ତେଣୁ ପ୍ରାର୍ଥୀ ଚୟନରେ ସୃଷ୍ଟି ହୋଇଛି ବିଳମ୍ବ।



ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ୪ଟି ବ୍ଲକ୍ ଯଥା-ରାଇରଙ୍ଗପୁର, ବହଳଦା, ଜାମଦା, ତିରିଂ ସହିତ ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳକୁ ନେଇ ଗଠିତ ରହିଛି। ମୋଟ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷ ୬୦ ହଜାର ସହିତ ନୂତନ ଭୋଟର ମଧ ରହିଛନ୍ତି। ରାଜନୈତିକ ଦଳମାନେ ନିଜ ନିଜ ପ୍ରାର୍ଥୀ ଜିଲ୍ଲାର ବିଭିନ୍ନ ଆସନରେ ଘୋଷଣା କରିଥିବା ବେଳେ ରାଇରଙ୍ଗପୁର ଓ ସାରସକଣା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଘୋଷଣା ହୋଇନଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢିଚାଲିଛି। ୨୦୦୦ ଓ ୨୦୦୪ରେ ବିଜେପିରୁ ଦ୍ରୌପଦୀ ମୁର୍ମୁ ଏଠାରୁ ଜିତି ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ୨୦୦୯ ରେ ଦ୍ରୌପଦୀଙ୍କୁ ଟିକଟ ମିଳିନଥିବା ବେଳେ କଂଗ୍ରେସରୁ ଶ୍ୟାମଚରଣ ହାଁସଦା ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାଇବା ସୁଶୀଲ ହାଁସଦା ବିଜେପି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାୟ ୬୩୮୩ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ। ୨୦୧୯ରେ ବିଜେପିର ନବଚରଣ ମାଝୀ ବିଜେଡି ପ୍ରାର୍ଥୀ ବାସନ୍ତି ମାର୍ଣ୍ଡିଙ୍କୁ ୨୮୪୬ ଖଣ୍ଡ ଭୋଟରେ ପରାସ୍ତ କରି ଜୟଯୁକ୍ତ ହୋଇଥିଲେ। ତେବେ ଚଳିତ ଥର ବିଜେପିର ବିଧାୟକ ଥିବା ନବଚରଣ ସାଂସଦ ପ୍ରାର୍ଥୀ ହୋଇଥିବାରୁ ଏଠାରେ ଦଳ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ଏଠାରେ ଥିବା ବିଧାୟକଙ୍କ ଏକଛତ୍ରବାଦ ପ୍ରବୃତ୍ତି ଯୋଗୁଁ କର୍ମୀଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ରହିଛି। ତେଣୁ ନୂଆ ପ୍ରାର୍ଥୀକୁ କିପରି ଗ୍ରହଣ କରିବେ ତାହା ସମୟ କହିବ। ତେବେ ରାଇରଙ୍ଗପୁରକୁ ବିଜେଡି ଏଥର ଫେରିପାଇବାର ଆଶା ରଖିଛି। ଅନ୍ୟ ଦଳରୁ ବହୁ କର୍ମୀ ବିଜେଡିକୁ ଫେରିବା ପରେ ସଂଗଠନ ସୁଦୃଢ଼ ହୋଇଛି। ପୌର ନିର୍ବାଚନରେ ଦୁଇ ଦଶନ୍ଧିରୁ ଚାଲିଥିବା ବିଜେପିର ଦୁର୍ଗକୁ ଭାଙ୍ଗି ବିଜେଡି ପୌର ପରିଷଦ ଅଧ୍ୟକ୍ଷ ପଦକୁ ଅକ୍ତିଆର କରିସାରିଛି। ଏହା ବିଜେଡି ପ୍ରତି ଲୋକ ମାନଙ୍କ ବଢୁଥିବା ଲୋକପ୍ରିୟତାର ସଂକେତ ଦେଇଥିଲା। ତେଣୁ ଅପେକ୍ଷା ପ୍ରାର୍ଥୀ ଘୋଷଣାକୁ ଏବଂ ଦଳୀୟ ପ୍ରାର୍ଥୀଙ୍କୁ କର୍ମୀଙ୍କ ଗ୍ରହଣୀୟତାକୁ।

# ବଳାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାରିପଦା, ୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ଗତ ୨୦୦୩ରୁ ବଳାଙ୍ଗୀ ମହୋତ୍ସବ ଜାରି ରହିଛି। ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି। ଚଳିତ ଥର ୨୨ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୭ ତାରିଖ ରବିବାର ଡିଭାଇନ ଇଞ୍ଜିନିୟରିଂ କଲେଜ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ବାରିପଦା କଚେରୀ ନିକଟରେ ମହୋତ୍ସବ କାର୍ଯ୍ୟ ପରିଚାଳନା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲା ଯାଇଛି। ଉଦଘାଟନୀ ଉତ୍ସବରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ବଳରାମ ବେହେରା, ସତ୍ୟ ନାରାୟଣ ବେହେରା, ପ୍ରଦୀପ ପଲେଇ, କିଶୋର ମହାନ୍ତି, ମୋତିପ୍ରକାଶ ଦାସ, ପୀତାମ୍ବର ମଲ୍ଲିକ, ନରେନ୍ଦ୍ର ମୋହନ ସେନାପତି, ମିଥୁନ ବାରିକ, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ, ଗୋଲକ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ। ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୯.୩୦ ଯାଏ କାର୍ଯ୍ୟାଳୟ ଖୋଲା ରହିବ।

## କଣ୍ଟେନର ଧକ୍କାରେ କାର୍ ଚୂରମାର

**ବେତନଟୀ,୪।୪(ସମିସ):** ଜାତୀୟରାଜପଥ ତୁଳସୀଚଉରା ଢାବା ନିକଟରେ ଗୁରୁବାର ସକାଳେ ଏକ କଣ୍ଟେନର କାରକୁ ପଛପଟୁ ଧକ୍କା ଦେଇଥିବା ବେଳେ କାରଚାଳକ ବର୍ତ୍ତି ଯାଇଛନ୍ତି। ଏକ କାର ବେତନଟୀ ଅଭିମୁଖେ ଆସୁଥିବା ବେଳେ କଣ୍ଟେନରଟି ମଧ ବେତନଟୀ ଅଭିମୁଖେ ଆସୁଥିଲା। ତେବେ ସାମ୍ନାରେ ଏକ ବଳଦକୁ ଦେଖି କାର ଚାଳକ ବ୍ରେକ ମାରିଥିଲେ; ମାତ୍ର କୁହୁଡି ପାଇଁ ପଛରୁ ଆସୁଥିବା କଣ୍ଟେନର ଚାଳକ ଜାଣିନପାରି କାରକୁ ପଛରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ପଛ ପାଶ୍ୱର୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ବର୍ତ୍ତି ଯାଇଛନ୍ତି।

## ବିଦ୍ୟାଳୟରୁ ଚୋରି

**କୁଆମରା,୪।୪(ସମିସ):** ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅନ୍ତର୍ଗତ ଅଙ୍ଗାରକୁଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତକାଲି ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ମଧ୍ୟାହ୍ନ ଭୋଜନ ଲାଗି ଗଚ୍ଛିତ ଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇ ପଳାଇଛନ୍ତି। ଏପରିକି ଚୋରମାନେ ସ୍କୁଲର ବହୁ ଜରୁରୀ କାଗଜପତ୍ର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ତଦନ୍ତ ଜାରି ରଖିଥିବା ବେଳେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ରାଇରଙ୍ଗପୁର : ହୋ’ ସମାଜରୁ ବିଧାୟକ ପ୍ରାର୍ଥୀ କରିବାକୁ ଦାବି

ରାଇରଙ୍ଗପୁର,୪।୪(ସମିସ): ଆଦିବାସୀଙ୍କ ନିମନ୍ତେ ସଂରକ୍ଷଣ ରାଇରଙ୍ଗପୁର ବିଧାନସଭା ଆସନରୁ ଏଯାଏ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି, ଜେଏମ୍ଏମ୍, କଂଗ୍ରେସ ତରଫରୁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଅତୀତରେ ଏହି ଆସନରୁ ଆଦିବାସୀ ହୋ’ ସମ୍ପ୍ରଦାୟର ହାରଦେବ ସିଂ ତିରିଆ ପ୍ରଥମ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ସେ ଲଗାତାର ରାଇରଙ୍ଗପୁର ଆସନରୁ ବିଧାୟକ ହୋଇଥିଲେ। ତାଙ୍କ ପରେ ଚନ୍ଦ୍ରମୋହନ ସିଂ ବିଧାନସଭାର ତୃତୀୟ ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ମାତ୍ର ବିଭିନ୍ନ ରାଜନୈତିକ ଦଳ ଏହାପରେ ହୋ’ ସମ୍ପ୍ରଦାୟକୁ ଦଳୀୟ ଟିକେଟ୍ ଦେଇ ନ ଥିଲେ। ଫଳରେ ହୋ’ ସମ୍ପ୍ରଦାୟର ଲୋକେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ହେବାରୁ ବଞ୍ଚିତ ହୋଇଆସୁଛନ୍ତି। ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ରୂପେ ରାଜନୈତିକ ଦଳଗୁଡ଼ିକ ହୋ ସମାଜର ବ୍ୟକ୍ତିବିଶେଷଙ୍କୁ ସୁଯୋଗ ଦେବା ପାଇଁ ସାମାଜିକ କର୍ମୀ, ସଙ୍ଗଠକକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ତଥା ହୋ ଭାଷା ଆନ୍ଦୋଳନର ପ୍ରମୁଖ ନେତା ମନୋରଞ୍ଜନ ତିରିଆଙ୍କ ଆବାହକତ୍ୱରେ କଚେରୀ ପଡ଼ିଆରେ ଅନୁଷ୍ଠିତ ବୈଠକରେ ବାମନଘାଟୀ ଉପଖଣ୍ଡର ରାଇରଙ୍ଗପୁର, ତିରିଂ, ବହଳଦା, ଜାମଦା ବ୍ଲକ୍ ଅଳର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଆଇନ୍‌ଜୀବି ବିର୍ସା କଣ୍ଡାଂକେଲ, ସାନଗୀ ଜଙ୍କ, ଲାଲୁ ପୂର୍ତ୍ତି, ନାଉରୁ ହେମ୍ବ୍ରମ, ଶ୍ରୀକାନ୍ତ ବାଣ୍ଡରା, ଟାଙ୍ଗୁରୁ ଗୋଇପାଇ, ସିଦିଉ ଲେୟାଙ୍ଗୀ, ପ୍ରଦୀପ ବାର୍ଦା, ସୀତାରାମ ବାରି, ସୁରେନ୍ଦ୍ର ସୋୟ, ଦିକୁଲ ବାଗେ, ଲୁହୁରୁ ବିରୁଆ, କାଲାଇ ଚାକି, ମାଧବଚନ୍ଦ୍ର ଦେଓଗାମ, ଶିବଶଙ୍କର ହେମ୍ବ୍ରମ, ରମେଶ କୁମାର ପୂର୍ତ୍ତି, ଗୋପାଳ ପୂର୍ତ୍ତିର୍, ଜିତେନ୍ ପୂର୍ତ୍ତି, ସୁନାରାମ ବାଗେ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

● ପିଆରଏମ୍ ମେଡ଼ିକାଲ କଲେଜରେ ସତ୍‌ସଙ୍ଗ ଓ ପାଠଚକ୍ର

# ‘ଆଧ୍ୟାତ୍ମିକତା ହିଁ ସାମଗ୍ରିକ ଜୀବନକୁ ସଶକ୍ତ କରାଏ’

**ବାରିପଦା, ୪।୪(ସମିସ):** ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଅଡିଟୋରିୟମରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ତଥା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ ଅଲଟିମେଟ ହସ୍ପିଟାଲର ହୃଦ, ବକ୍ଷ ଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା ବନବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ପ୍ରଫେସର ପ୍ରତିଭା ପଣ୍ଡା, ଅଧୀକ୍ଷକ ପ୍ରଫେସର ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଠାକୁରଙ୍କ ଭାବଦର୍ଶ ଉପରେ ଆଧାରିତ ଏହି ବିଜ୍ଞାନ ଭିତ୍ତିକ ପାଠଚକ୍ରରେ, ବ୍ରହ୍ମପୁର ନିରାମୟଇଏନଟି ହସ୍ପିଟାଲର ମୁଖ୍ୟ ଡା ହିମାଂଶୁ ଚୌଧୁରୀ, ଜୀବନ ବର୍ଦ୍ଧନରେ ଯାହା ସହାୟକ ହୁଏ, ତାହା କୁହିଁ ଧର୍ମ କୁହାଯାଏ ନତୁବା ପୂଜା ଆରାଧନା, ବାର ବ୍ରତ ମଧ ଦେଇ ଜଣେ ପ୍ରକୃତ ଧାର୍ମିକ ହୋଇପାରେନା ବୋଲି ପ୍ରକାଶ କରିଥିଲେ। କେୟାର ହସ୍ପିଟାଲର ନ୍ୟୁରୋସର୍ଜରୀ ବିଭାଗର ଡା. ସୁଶାନ୍ତ କୁମାର ଦାସ, ପ୍ରାର୍ଥନା ଏବଂ ଧ୍ୟାନର ଆରୋଗ୍ୟକାରୀ ଶକ୍ତି ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷା ପ୍ରଫେସର ପଣ୍ଡା ଆଧ୍ୟାତ୍ମିକତା ହିଁ ଜଣକୁ ସାମଗ୍ରିକ ଜୀବନକୁ ସଶକ୍ତ କରାଇବାରେ ସକ୍ଷମ ବୋଲି ପ୍ରକାଶ କରିଥିଲେ। ସତସଙ୍ଗ ସଦଲୋଚନା କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ଯୁବ ଗୁରୁଭ୍ରାତା ସର୍ବଶ୍ରୀ ରାଧାକୃଷ୍ଣ ପ୍ରଧାନ, ସୁହାସ ସାହୁ, ଯତୀନ ଦାସ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲେ। ସେହିପରି ସଦଲୋଚନା କାର୍ଯ୍ୟକ୍ରମରେ କର୍ଣ୍ଣ, ନାସା, ଗଳା ରୋଗ ବିଶେଷଜ୍ଞ ଡା. ବୀରେଶ୍ୱର ଜ୍ୟୋତିଷୀ, ବିଜ୍ଞାନ ଓ ଆଧ୍ୟାତ୍ମିକତା ଅଙ୍ଗାଙ୍ଗୀଭାବେ ଜଡିତ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନର ପ୍ରାଧାପକ, କେଦାରନାଥ ମହାନ୍ତି, ମନୁଷ୍ୟ ପ୍ରକୃତ ପକ୍ଷେ ଡବ୍ଲୁଏଚଓରେ ଥିବା ସ୍ୱାସ୍ଥ୍ୟର ସଜ୍ଞାକୁ କିପରି ଭାବେ ନିଜ ଜୀବନରେ ପ୍ରତିଫଳିତ କରା ଯାଇପାରେ, ସେ ନେଇ ସଂପୂର୍ଣ୍ଣ ଅନଭିଜ୍ଞ ବୋଲି କହିଥିଲେ। କେବଳ ପୁରୁଷୋତ୍ତମଙ୍କ ଦର୍ଶନ ହିଁ ସର୍ବଶ୍ରେଷ୍ଠ ବିଜ୍ଞାନ ବୋଲି ଅଭିହିତ କରିଥିଲେ। ପ୍ରଫେସର ଆରତ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସହ ପ୍ରତିରତ୍ୱିକ ବେଣୁଧର ମହାରଣା ଜୟଧ୍ୱନି ଦେଇ ସଭା ସାଙ୍ଗ କରିଥିଲେ। ସତସଙ୍ଗରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଭେଷଜ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। ଡା ତୀର୍ଥ ସାରଥୀ ମହାନ୍ତି, ଡା ରାମେଶ୍ୱର ମିଶ୍ର, ଡା ଶାଶ୍ୱତ ଶତପଥୀ, ରୁଦ୍ରନାରାୟଣ ସାହୁ, ଆଦିତ୍ୟ ବେହେରା, ନିଖିଳ କୁମାର ବେହେରା, ସତ୍ୟ ସାଧନ ସାହୁଙ୍କ ସହିତ ସ୍ଥାନୀୟ କର୍ମୀ ଜଗଦୀଶ ସାହୁ, ମୁକ୍ତିକାନ୍ତ ନାୟକ, ରବୀନ୍ଦ୍ରନାଥ ପାତ୍ର, ରାଜକିଶୋର ପ୍ରଧାନ ଆଦି ପ୍ରମୁଖ ସହଯୋଗ କରିଥିଲେ।















## ଭ୍ୟାନ୍‌କୁ ଧକ୍କା ଦେଲା ହାଇୱା; ୯ ଆହତ

**ଠାକୁରମୁଣ୍ଡା/ମହୁଲଡିହା, ୪।୪(ସମିସ):** ଗୁରୁବାର ରାତି ସାଢେ ୯ଟା ସମୟରେ ଠାକୁରମୁଣ୍ଡା ନିକଟ ଜାତୀୟ ରାଜପଥର କେନ୍ଦୁମୁଣ୍ଡିଠାରେ ଏକ ହାଇୱା ଭ୍ୟାନକୁ ଧକ୍କା ଦେବାରୁ ୯ ଜଣ ଆହତ ହୋଇଥିବାବେଳେ ୨ ଜଣ ଗୁରୁତର ଥିବା ଜଣାପଡିଛି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ଆହତଙ୍କ କୌଣସି ପରିଚୟ ମିଳିପାରିନାହିଁ। ଖବର ପାଇ ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଏକ ବିବାହ ଉତ୍ସବରେ ଯୋଗଦେବାକୁ ଶରତ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି।



**ଚଡ଼କ ପର୍ବର ନବମ ଅର୍ଘ୍ୟ**

# ମା’ ଜାହାଜୀଙ୍କ ଆଗରେ ପ୍ରଥମ ବେକଡ଼ା ପ୍ରଦର୍ଶନ

ଚନ୍ଦନେଶ୍ୱର, ୪।୪(ସମିସ):

ପୂର୍ବ ଭାରତର ପ୍ରସିଦ୍ଧ ତଥା ରାଜ୍ୟର ଦ୍ୱିତୀୟ ସର୍ବବୃହତ ମେଳା ଭାବେ ବିଦିତ ଚନ୍ଦନେଶ୍ୱର ଚଡ଼କ ପର୍ବର ନବମ ଅର୍ଘ୍ୟ ଗୁରୁବାର ଶେଷ ହୋଇଛି। ମନ୍ଦିରର କୌଳିକ ରୀତିନୀତି ଅନୁଯାୟୀ ଏହି ଦିନ ଶ୍ରୀବେକଡ଼ି ଉପବୀତ ଧାରଣ କରିଥାନ୍ତି। ସନ୍ଧ୍ୟାରେ ସମସ୍ତ ଉପବୀତ ଧାରୀ ଭକ୍ତ ମନ୍ଦିରରୁ ଏକ ଶୋଭଯାତ୍ରାରେ ବାହାରି ହୁଗୁଳି ପଞ୍ଚାୟତ ଅଧୀନ ବିନ୍ଧା ପଦ୍ମପୁର ଗାଁରେ ବିରାଜିତ ମା’ ଜାହାଜୀ ଠାକୁରାଣୀଙ୍କ ଆଗରେ ପାରମ୍ପରିକ ନୃତ୍ୟ ପାଇଁ ପହଞ୍ଚି ଥିଲେ ଏବଂ ସେଠାରେ ପ୍ରଥମ ବେକଡ଼ା ନୃତ୍ୟ ପ୍ରଦର୍ଶନ କରାଯିବା ପରେ ମନ୍ଦିର ବେଢ଼ା, ନେତ୍ରକୁଣ୍ଡ,



ନାଟ ମନ୍ଦିରରେ ମଧ୍ୟ ବେକଡ଼ା ପ୍ରଦର୍ଶିତ ହୋଇ କୌଳିକ ନୀତିକାନ୍ତି ଶେଷ ପରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅର୍ଘ୍ୟଦାନ ଆରମ୍ଭ ହୋଇଥିଲା। ପ୍ରାୟ ୫ଶହ ବର୍ଷ ପୂର୍ବରୁ ବାଲେଶ୍ୱର ଜିଲ୍ଲା ଭୋଗରାଇର ହୁଗୁଳି ଗ୍ରାମ ପଞ୍ଚାୟତରେ ବିରାଜିତ ବାବା ଚନ୍ଦନେଶ୍?ର ଜୀଉ। ଜଳଯନ୍ତ୍ର ରୂପେ ଆଶୁତୋଷ ଶିବ ଏଠାରେ ପୂଜା ପାଉଛନ୍ତି। ପ୍ରତିବର୍ଷ ଚୈତ୍ର ମାସରେ ହେଉଥିବା ଚଡ଼କ ପର୍ବରେ ମାନସିକ ପୂରଣ ଲାଗି ଲକ୍ଷାଧିକ ଭକ୍ତ ଉପବୀତ ଧାରଣ କରନ୍ତି। ଗୁରୁବାର ନବମ ଅର୍ଘ୍ୟରେ ଶ୍ରୀବେକଡ଼ି ନିରଞ୍ଜନ ଲେଙ୍କା, ତାଙ୍କ ପୁଅ ଗୋପାଳ ଲେଙ୍କା, ଦେଉଳିଆ ଅଜିତ ପାତ୍ରଙ୍କ ସମେତ ଅନ୍ୟ ତେର ଭକ୍ତମାନେ ଉପବୀତ ଧାରଣ କରିଛନ୍ତି। ମେଳାର ସୁପରିଚାଳନା ପାଇଁ ଜିଲ୍ଲାପ୍ରଶାସନ ଓ ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି, ମୌରସି ତପନ କୁମାର ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ଅନୁଧାନ କରୁଥିବା ଦେଖିବାକୁ ମିଳିଛି।

## ଦୁଇ ମାସ ପରେ ମାଧ ସିଂଙ୍କ ଗଳିତ ମୃତଦେହ ଠାବ

ନୀଳଗିରି, ୪।୪(ସମିସ): ମୁଣ୍ଡ ଓ ଗଣ୍ଡି ଅଲଗା ମୃତଦେହ ଠାବ। ନୀଳଗିରି ଥାନା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ନିକଟ ପଞ୍ଚଲିଙ୍ଗେଶ୍ୱର ବିଟ ହାଉସ ପଛ ପାଖରେ ଥିବା ଆସ୍ତେଇ ଚତୁରୀ ପାଖ ଜଙ୍ଗଲ ମଧ୍ୟରେ ଏକ ଗଳିତ ମୃତଦେହ ଠାବ ହୋଇଛି। ଶରୀର ଠାରୁ ୫୦ ମିଟର ଦୂରରେ ଅଲଗା ହୋଇ ମୁଣ୍ଡ ପଡ଼ିଛି। ଏ ନେଇ ପୋଲିସ ହତ୍ୟା ସନ୍ଦେହ କରୁଥିବା ବେଳେ ତଦନ୍ତ ଜାରି ରହିଛି। ମୃତଦେହ ଟି ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ କେନ୍ଦୁନାଳ ଗ୍ରାମର ମାଧ ସିଂ( ୪୭)ଙ୍କର ବୋଲି ଜଣା ପଡ଼ିଛି। ମାଧ ସିଂ ପଞ୍ଚଲିଙ୍ଗେଶ୍ୱର ପୁରୁଣା ଷ୍ଟାଣ୍ଡ ପାଖରେ ଏକ ପାନ ଦୋକାନ କରି ଆସୁଥିଲେ। ଚଳିତ ଶିବ ରାତ୍ରି ସମୟରୁ ଦୁଇମାସ ହେବ ତାଙ୍କ ପାନ ଦୋକାନ ବନ୍ଦ ଥିବା ବେଳେ ସେ କୁଆଡେ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକ ଖୋଜା ଖୋଜି ପରେ କୁଆଡେ ଚାଲି ଯାଇଛନ୍ତି ବୋଲି ଭାବି ଚୁପ ଚାପ ରହିଥିଲେ। ଆଜି ଗ୍ରାମବାସୀ ଛେଳି ଚରାଇବାକୁ ଯାଇ ଏକ ଗଳିତ ମୁଣ୍ଡ ହାଡ ବିଶିଷ୍ଟ ଶବ ଏଣେତେଣେ ପଡ଼ିଥିବାର ଦେଖି ଗ୍ରାମରେ ଖବର ଦେବା ପରେ ମାଧ ସିଂର ଘରଲୋକ ଉକ୍ତ ସ୍ଥାନକୁ ଯାଇ ପିନ୍ଧା ଲୁଗାରୁ ମାଧ ସିଂ ବୋଲି ଜାଣିବା ପରେ ନୀଳଗିରି ପୋଲିସ ଅପରାହ୍ନ ୪ଘଟିକାରେ ପହଞ୍ଚି ପିନ୍ଧା ଲୁଗା ସହିତ ଗଳିତ ହାଡ, ମୁଣ୍ଡ ଜବତ କରି ତଦନ୍ତ ଚଳାଇଛି। ସ୍ଥାନୀୟ ଅଞ୍ଚଳ ହୋଇଥିବା ଅନୁମାନ କରି ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ସମାଗମ।

## ବିଜେଡିରେ ମିଶିଲେ ଧୋବଶିଳା ସରପଞ୍ଚ



ନୀଳଗିରି ବ୍ଲକ, ୪।୪(ସମିସ): ନୀଳଗିରି ବ୍ଲକର ଧୋବଶିଳା ପଞ୍ଚାୟତର ବିଜେପି ସରପଞ୍ଚ ଦିଲ୍ଲୀପ କୁମାର ସିଂ ଦଳ ଛାଡି ବିଜେଡିରେ ସମର୍ଥକଙ୍କ ସହିତ ଯୋଗ ଦେଇଛନ୍ତି। ମହିଁସାପଟା ସରପଞ୍ଚ ରବୀନ୍ଦ୍ର ସିଂ ଓ ଗରଡି ସରପଞ୍ଚ ଶିବାଜି ସିଂ ଙ୍କ ଉପସ୍ଥିତିରେ ଜିଲ୍ଲା ବିଜେଡ଼ିର ବରିଷ୍ଠ ଉପ-ସଭାପତି ତଥା ନୀଳଗିରି ନିର୍ବାଚନ ମଣ୍ଡଳୀ ନେତା ସନ୍ତୋଷ ଖଟୁଆ, ତାଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ

ସିମୁଳିଆ, ୪।୪(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ପାର୍ଥୀ ଭାବେ ପଦ୍ମଲୋଚନ ପଣ୍ଡାଙ୍କ ନାମ ଘୋଷଣା କରିଥିଲା ବେଳେ ଭଦ୍ରକ ଲୋକସଭା ପ୍ରାର୍ଥୀ ଭାବେ ଅଭିମନ୍ୟୁ ସେଠୀଙ୍କ ନାମ ଘୋଷଣା ହୋଇଛି। ଟିକେଟ ଘୋଷଣା ପରେ ଉଭୟ ଦୁଇ ପ୍ରାର୍ଥୀ ଆଜି ସିମୁଳିଆ ନିର୍ବାଚନ ମଣ୍ଡଳୀକୁ ଆସିବାର ଥିଲା ବେଳେ. ସିମୁଳିଆରେ ହଜାର ହଜାର ବିଜେପି କର୍ମୀ. ମଇତାପୁର ଛକରେ ଉପସ୍ଥିତ ଥିଲେ। ଦୁଇ ପ୍ରାର୍ଥୀ ପହଞ୍ଚିବା ମାତ୍ରେ କର୍ମୀ ମାନେ ସମ୍ବର୍ଧନା ଜଣାଇ. ବିଶାଳ ମଟର ସାଇକେଲ ରାଲିକରି ପ୍ରଥମେ ମଇତାପୁର ପଞ୍ଚାୟତ ଓ ବଙ୍ଗାଳପୁର ଦେଇ ମାର୍କୋଣା ପଞ୍ଚାୟତ ଦେଇ ପରେ ଷ୍ଟେସନ ବଜାରରେ ବୁଲାଇ ଦୁଇ ପ୍ରାର୍ଥୀ ଶ୍ରୀ ପଣ୍ଡାଙ୍କ ବାସଭବନରେ ପଞ୍ଚିଥିଲେ।

## ପଶ୍ଚିମବଂଗ ମାର୍କା ବିଦେଶୀ ମଦ ଜବତ, ଜଣେ ଗିରଫ

ଜଳେଶ୍ୱର ବ୍ଲକ, ୪।୪(ସମିସ): ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପଶ୍ଚିମବଂଗ ଓ ଓଡ଼ିଶା ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ମଦମାଫିଆମାନେ ଅଧିକ ସକ୍ରିୟ ହୋଇ ଉଠିଛନ୍ତି। ତେଣୁ ସେମାନେ ପଶ୍ଚିମବଂଗର ଦାନ୍ତୁନ, ବେଲଦା, ଝାଡଗ୍ରାମ, ନୟାଗ୍ରାମ, ମୋହନପୁର, କାନ୍ଥି, ଦୀଘା, ରାମନଗର ଥାନା ଇଲାକାରୁ ପଶ୍ଚିମବଂଗ ମାର୍କା ଚୋରାମଦ ଆଣି ଜଳେଶ୍ୱର, ରାଇବଣିଆ, ବସ୍ତା, କମର୍ଦ୍ଦା, ଭୋଗରାଇ ଓ ତାଳସାରୀସ୍ଥିତ ସାମୁଦ୍ରିକ ଥାନା ଇଲାକାରେ ବିକ୍ରି କରି ଆସୁଛନ୍ତି। ଖବରପାଇ ଜଳେଶ୍ୱରସ୍ଥିକ ଅବକାରୀ କାର୍ଯ୍ୟାଳୟ କର୍ମଚାରୀମାନେ ଆଜି ଚଢ଼ଉ କରିଥିଲେ। ବସ୍ତା ଥାନା ଅନ୍ତର୍ଗତ ବେଣାପୁରା ଗାଁର ରଣଜିତ୍ ଜେନା ପଶ୍ଚିମବଂଗରୁ ଚୋରାମଦ ଆଣି ଓଡ଼ିଶାର ବିଭିନ୍ନ ଥାନା ଇଲାକାରେ ଯୋଗାଇ ଆସୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। ତାଙ୍କ ନିକଟରୁ ପଶ୍ଚିମବଂଗ ଆଇଏମ୍ଏଫଏଲ ୧୪.୨୫ ଲିଟର, ଆଇଏମ୍ଏଫଏଲ ୨୦.୧୬ ଲିଟର ଓ ବିଅର୍ ୫୬.୨୫ ଲିଟର ଜବତ୍ କରିବାରେ ସମର୍ଥ ହୋଇଛନ୍ତି। ଆଜି ଓଡ଼ିଶାକୁ ପ୍ରାୟ ୩ହଜାର ଏପରି ମଦ ପ୍ରବେଶ କରିଥିବା ଖବର ପାଇ ଇନିସ୍‌ପେକ୍ଟର ଲାକ୍ଷୋୟା ସାଧବ ପ୍ରଧାନ ଓ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଉପାନ୍ତ ଅଞ୍ଚଳରେ ଜଗିରହିଥିଲେ। ସେମାନଙ୍କ ସହିତ ବିଜୟ ବିରେନ୍ ଲାକ୍ରା, ରଞ୍ଜନ କୁମାର ଦାସ, ସାଲେହ୍ୟା ହେମ୍ବ୍ରମ, ସଞ୍ଜିବ ମୁଣ୍ଡା, ପ୍ରହଲ୍ଲାଦ ବିଶ୍ୱାଳ, ଜଗବନ୍ଧୁ ବାରିକ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଏହି ଚଢାଉ ପରେ ମଦମାଫିଆଙ୍କ ମଧ୍ୟରେ ଛନକା ପଶିଛି।

## ଶିଶୁ ମନ୍ଦିରରେ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଖଇରା, ୪।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନଟାପଡ଼ା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା ପର୍ବ ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ କମଳାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବୋଦୟ ପରିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସୁଶ୍ରୀ ଶ୍ରୀୟାଂଶୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ନୂତନ ଭାବେ ନାମ ଲେଖାଇ ଥିବା ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଆଚାର୍ଯ୍ୟ ଦେବେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ମଧୁସ୍ମିତା ଜେନା, ଦିପ୍ତୀଶିଖା ପାଣି, ବବିତା ପାଣିଗ୍ରାହୀ, ମିତା ପାତ୍ର ଗୁରୁଜୀ ପ୍ରଭାକର ଓଝା, ବଳରାମ ଲେଙ୍କା ଓ ପଙ୍କଜ ମହାନ୍ତି ପ୍ରମୁଖ ସହାୟତାର ହାତ ବଢ଼ାଇ ଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଲିଆପାଳ, ୪।୪(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇକଡପାଳର ଅବସର ଗ୍ରହଣ କରିଥିବା ଆଦର୍ଶ ପ୍ରଧାନଶିକ୍ଷକ ସୁକୁମାର ଜେନାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଗଦାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା, ମୁଖ୍ୟବକ୍ତା ଭାବରେ ସେଇଠୁ ଆରମ୍ଭ ଖବର କାଗଜର ସମ୍ପାଦକ ଶୁଭେନ୍ଦୁ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅତରିକ୍ତ ଗୋଷ୍ଠି ଶିକ୍ଷାଅଧିକାରୀଣି ଆରତୀ ଭୂୟାଁ, ଜାମକୁଣ୍ଡା ସିଆରସିସି ଅତୁଲ କୁମାର ସାହୁ, ପରିଚାଳନା କମିଟିର ସୁକୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରୀ ଜେନା ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅତିଥି ମାନେ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ



ତଥା ଜିଲା ବି.ଏ.ଉ.ସଂଘର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ପାତ୍ର ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ପଞ୍ଚାନନ ସେଠୀ, ଅଞ୍ଜନ ବେହେରା, ବିଜୟ କୁମାର ଦାସ ଏବଂ ପରିଚାଳନା କମିଟିର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସୁରେନ୍ଦ୍ର ନାଥ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାମକୃଷ୍ଣ ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




ନୀଳଗିରି, ୪।୪(ସମିସ): ନୀଳଗିରି ରାମକୃଷ୍ଣ ଆଇଡ଼ିଆଲ ପବ୍ଲିକ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚଲିଙ୍ଗେଶ୍ୱର ମହା ବିଦ୍ୟାଳୟର ଅଧ୍ୟାପକ ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗ ଦେଇ ଆନୁଷ୍ଠାନିକା ଭାବେ ସନ୍ଥ ରାମକୃଷ୍ଣ ପରମହଂସଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତାଙ୍କ ସହିତ ବିଦ୍ୟାଳୟର ଅଧ୍ୟକ୍ଷା, ସମ୍ମାନିତ ଅତିଥି ବୃନ୍ଦ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ସିପ୍ରା ବାହୁକ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜ ସେବୀ ନିରଞ୍ଜନ ପାଢ଼ୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଟୁନୁ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ର ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର, ବିଦ୍ୟାଳୟର ଚେୟାରମ୍ୟାନ ତଥା ପ୍ରାଣ ପ୍ରତିଷ୍ଠାତା ମହେଶ୍ୱର ପାତ୍ର ମଞ୍ଚାସୀନ ଥାଇ ନିଜନିଜର ବହୁମୂଲ୍ୟ ବକ୍ତବ୍ୟ ମାନ ରଖିଥିଲେ। ପରେ ପୁରସ୍କାର ବିତରଣୀ ସଭାରେ ଉକ୍ତ ବିଦ୍ୟାଳୟର ଚଳିତବର୍ଷ ବାର୍ଷିକ ପରୀକ୍ଷାରେ ଶତକଡ଼ା ୯୦ ଭାଗରୁ ଉର୍ଦ୍ଧ ନମ୍ବର ରଖି ଏକାଡେମିକ ଟପ୍ପର ହୋଇଥିବା ୧୫ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା ଏବଂ ରଙ୍ଗୋଲି, ଫେନସି ଡ୍ରେସ, କବିତା ଆବୃତ୍ତି, ରୋଷେଇ, ଓ ସ୍କୁଲ ର ବିଭିନ୍ନ ଏକ୍ଟିଭିଟିସ ରେ ୧୨ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍ନେହଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପିଙ୍କି ବିଶ୍ୱାଳ, ସାଇଶ୍ରୀ ଜେନା, ଗୀତାଞ୍ଜଳି ସେନାପତି, ପ୍ରୀତିସ୍ମିତା ବେହେରା, ବିଷ୍ଣୁପ୍ରିୟା ନାୟକ, ସହଦେବ ମାଝୀ, ନମିତା ବାରିକ, ଲିପ୍ସାରାଣୀ ମହଲ, ରଶ୍ମିତା ପଣ୍ଡା, ଲିପିକା ତେଲେଙ୍ଗା, ଜୟନ୍ତ କୁମାର ବେହେରା ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, କେୟାର ଟେକର ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସୋର, ୪।୪(ସମିସ): ସୋର ପୌରପାଳିକା ଅନ୍ତର୍ଗତ ବାପୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ରତ୍ନାକର ଦାସଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଏନ୍ଏସି ଉଚ୍ଚ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଦାମୋଦର ଦାଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରଫାନ ଅଲ୍ଲୀ ସାହା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ବିଜୟ କୁମାର ଦାସ, , ସମ୍ମାନିତ ଅତିଥିଭାବେ ମହେଶ୍ୱର ବେହେରା, ରମାକାନ୍ତ ମହାନ୍ତି, ଏନଏସି ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଦାସ, ପରିଚାଳନା ସମିତି ସଭାପତି କୌସ୍ତୁଭ କୁମାର ନାୟକ, ହାଇସ୍କୁଲ ପରିଚାଳନା ସମିତି ସଦସ୍ୟ ଗଙ୍ଗାଧର ପାଢ଼ୀ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଗୁଣାବଳୀର ରୋମନ୍ଥନ କରିଥିଲେ। ଏହି ଅବସରରେ ସେବା ନିବୃତ୍ତ ଶିକ୍ଷକଙ୍କ ଉଦେଶ୍ୟରେ ପ୍ରକାଶିତ ରତ୍ନ ମନ୍ଥନ ପତ୍ରିକାର ଉନ୍ମୋଚନ



କରାଯିବା ସହିତ କଳାଶିକ୍ଷକ ପ୍ରେମସାଇ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ତୈଳଚିତ୍ରକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁନିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷିକା, ଶୁଭେଚ୍ଛୁ, ଅଭିଭାବକ ଅଭିଭାବିକା ମାନେ ରତ୍ନାକର ସାରଙ୍କ ଶିକ୍ଷାଦାନ ଶୈଳୀ, ଛାତ୍ର ବତ୍ସଳତା, ମାନବୀୟ ମୂଲ୍ୟବୋଧର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରା ଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଏବଂ ବିଦାୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ କୌସ୍ତୁଭ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ସେକ ଇମତିଆଜ ମହମ୍ମଦ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ପ୍ରୋଭିଜନାଲ ପେନସନ ଚିଠି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ରଶ୍ମୀଲତା ରାଉତ, ବାସନ୍ତୀ ସାହୁ, କନିଜ ଅକତରୀ, ଗଙ୍ଗାଧର ସ୍ୱାଇଁ, କୌଶଲ୍ୟା ପଲେଇ, ନିରଞ୍ଜନ ପଣ୍ଡା, ଅଶୋକ ମହାନ୍ତି, କଳ୍ପନା ମହାନ୍ତି ଝରଣା ଦାସ, ସସ୍ମିତା ଧଳ, ସୁରେନ୍ଦ୍ର ବାରିକଙ୍କ ସମେତ ଅଣଶିକ୍ଷା କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ନଦୀରେ ବୁଡ଼ି ଦଶମ ଶ୍ରେଣୀ ଛାତ୍ର ମୃତ



ଖଇରା, ୪।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଟା ଗ୍ରାମ ପଞ୍ଚାୟତ ଅଧୀନ ମିରିପୁର ଖଇରା ଗ୍ରାମର ବ୍ରହ୍ମାନନ୍ଦ ଗୋଛାୟତଙ୍କ ପୁଅ ଅମିତ(୧୪) ଗୁରୁବାର ଦିନ ଘର ପାଖ ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ଗଣ୍ଡ ଭିତରକୁ ଖସି ପଡ଼ିଥିଲେ। ପାଖରେ ଥିବା ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକ ଓ ଗ୍ରାମବାସୀ ମାନେ ଉଦ୍ଧାର କରି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅମିତ ନିକଟସ୍ଥ ମହମ୍ମଦପୁର ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀର ଛାତ୍ର ଅଟନ୍ତି।

## ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୪।୪ (ସମିସ): ଭାରତୀୟ ରକ୍ଷା ଅନୁସନ୍ଧାନ ସଙ୍ଗଠନ(ଡିଆରଡ଼ିଓ) ପକ୍ଷରୁ ଗତ ବୁଧବାର ସନ୍ଧ୍ୟା ସାତଟାରେ ଧାମରା ସ୍ଥିତ ଅବଦୁଲ କାଲାମ ଦ୍ୱୀପରୁ ଆଣବିକ ସମ୍ପନ୍ନ ବାଲିଷ୍ଟିକ ମିଜାଇଲ ଅଗ୍ନି ପ୍ରାଇମର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ହାଲୁକା ମେଟ୍ରିଆଲରେ ନିର୍ମିତ ହେଇଛି।ଏହା ହେଉଛି ନୂତନ ପିଢ଼ିର କ୍ଷେପଣାସ୍ତ୍ର। ପରୀକ୍ଷଣ ବେଳେ ଏହି କ୍ଷେପଣାସ୍ତ୍ର ନିର୍ଦ୍ଧିଷ୍ଟ ଲକ୍ଷ ଭେଦ କରିଛି। ଅଗ୍ନି ସିରିଜ ମିଜାଇଲ ମଧ୍ୟରେ ଅଗ୍ନି ପ୍ରାଇମ ଅତି ଘାତକ ହେବା ସହିତ ଏହା ଆଧୁନିକ ଏବଂ ମଧ୍ୟମ ରେଞ୍ଜର ବେଲିଷ୍ଟିକ ମିଜାଇଲ ଅଟେ। ଏହା ଏକ ହଜାରରୁ ଦୁଇ ହଜାର କିମି ମଧ୍ୟରେ ଲକ୍ଷ ଭେଦ କରିବାର କ୍ଷମତା ରଖିଛି।ଏହି ୩୪.୫ଫୁଟ ଲମ୍ବ ବିଶିଷ୍ଟ କ୍ଷେପଣାସ୍ତ୍ରରେ ମଲ୍ଟିପଲ ଇଣ୍ଡିପେଣ୍ଡଟଲି ଟାର୍ଗେଟବଲ ରିଏଣ୍ଟ୍ରି ହ୍ୱିକଲ (ଏମଆଇଆରଭି) ଲାଗିଛି। ତେଣୁ ଏହି ମିଜାଇଲ ଏକାଧିକ ଲକ୍ଷ ଉପରେ ଆକ୍ରମଣ କରି ପାରିବାର କ୍ଷମତା ରଖିଛି। ଏହା ଅଧିକ ବେଗରେ ଗତି କରିପାରୁ ଥିବାବେଳେ ବିସ୍ଫୋଟକ, ଥରମୋବୋରିକ କିମ୍ବା ପାରମାଣବିକ ଅସ୍ତ୍ର ବହନ କରିବାର ସକ୍ଷମ। ଏହି ମିଜାଇଲ ୧୫ଶହରୁ ୩ ହଜାର କିଗ୍ରା ଓଜନର ଯୁଦ୍ଧାସ୍ତ୍ର ବହନ କରିପାରେ। ଏହା ଦୁଇ ପର୍ଯ୍ୟାୟ ରକେଟ ମୋଟର ଦ୍ୱାରା ଚାଲିପାରୁ ଥିବା ମିଜାଇଲ ଅଟେ।

# କମ୍ପ୍ୟୁଟର ଶିକ୍ଷା ପାଇଁ ସଚେତନତା ରଥ

ଲଙ୍ଗଳେଶ୍ୱର/ବଳରାମପୁର, ୪।୪(ସମିସ):




ଓକେସିଏଲ ସାରା ରାଜ୍ୟରେ କମ୍ପ୍ୟୁଟର ଶିକ୍ଷା ସଚେତନତା ରଥ ପରିକ୍ରମା କରି ଛାତ୍ରଛାତ୍ରୀମାନଙ୍କୁ ଆଇଟି କ୍ଷେତ୍ରରେ ପାରଦର୍ଶିତା ଦିଗରେ ପ୍ରୋତ୍ସାହିତ କରୁଛି। ସେହି ଆଧାରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଲଙ୍ଗଳେଶ୍ୱରଠାରେ ଥିବା ଓକେସିଏଲର ସ୍ୱୀକୃତିପ୍ରାପ୍ତ ଶିକ୍ଷାକେନ୍ଦ୍ର ଆର କେ ଇନ୍ଫୋ ଏକାଡେମୀ ତରଫରୁ ଆଜି ଏହି ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଶିକ୍ଷା ଅନୁଷ୍ଠାନର ସଂଯୋଜକ ରାଜକିଶୋର ପାତ୍ରଙ୍କ ପୌରାହିତ୍ୟରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ରାଧାଗୋବିନ୍ଦ ଦାସ ଉପସ୍ଥିତ ରହି ରଥର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦନ ପ୍ରାପ୍ତ ଓକେସିଏଲର ଓଏସ-ସିଆଇଟି ତିନିମାସିଆ, ଛଅ ମାସିଆ, ଏକ ବର୍ଷିଆ ଆଦି ପାଠ୍ୟକ୍ରମ ଏହି ଶିକ୍ଷାଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଉଛି। ସମସ୍ତ ଛାତ୍ରଛାତ୍ରୀ କିଭଳି ଉନ୍ନତମାନର ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ଅନୁଷ୍ଠାନ ତରଫରୁ ତାମିଲପ୍ରାପ୍ତ ଶିକ୍ଷକଙ୍କ ସହିତ ସ୍ୱତନ୍ତ୍ର କମ୍ପ୍ୟୁଟର ଲ୍ୟାବ ଏବଂ ଥିଓରୀ ରୁମର ବ୍ୟବସ୍ଥା କରାଯାଇଛି। ଲଙ୍ଗଳେଶ୍ୱରଠାରେ ଥିବା ଏହି ଶିକ୍ଷାନୁଷ୍ଠାନ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ନିରନ୍ତର କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ବହୁ ଯୁବକ ଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ସହଯୋଗ ସହିତ ଆତ୍ମନିର୍ଭରଶୀଳ କରିବାରେ ଏକ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ରର ପରିଚୟ ସୃଷ୍ଟି କରିପାରିଛି।

## ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଗୁରୁବାର ବାରିପଦା ସ୍ଥିତ କଚେରୀ ପରିସରରେ ମୋହରୀର ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୋହରୀର ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘର ସଭାପତି ବିଭୁପ୍ରସାଦ ଦାସ, ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ, ଉପସଭାପତି ସୁଜାତା ମିଶ୍ର, ଯୁଗ୍ମ ସମ୍ପାଦକ ସ୍ୱରୂପ ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପଙ୍କଜ ମହାକୁଡ଼, ଯୁଗ୍ମ ସମ୍ପାଦକ (ପାଠାଗାର) ସତ୍ୟନାରାୟଣ ବେହେରା, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ ଏବଂ ପରିଚାଳନା କମିଟି ସଦସ୍ୟ ଦେବରାଜ ମିଶ୍ର, ଉତ୍ତମଶଙ୍କର ରାୟ, ଜ୍ଞାନରଞ୍ଜନ ଜେନା, ମାନସ ରଞ୍ଜନ ବେହେରା, ସୁଧାଂଶୁ ଶେଖର ପାଲ, ସୁସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି, ଉତ୍ତମ କୁମାର ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓକିଲ ଏବଂ ମୋହରୀର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟଙ୍କ ସହଯୋଗରେ ଲୋକେ ଆଇନଗତ ସହାୟତା ପାଇଥାନ୍ତି। ଏହି ଅବସରରେ ଓକିଲ ସଂଘର କର୍ମକର୍ତ୍ତାଙ୍କୁ ମୋହରୀର ସଂଘ ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୋହରୀର ସଂଘର ସମ୍ପାଦକ ସଂଗ୍ରାମ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ଓ କୋଷାଧ୍ୟକ୍ଷ ଯତୀନ ଚନ୍ଦ୍ର ଗିରି, ସଦସ୍ୟ ପୀତାମ୍ବର ମଲ୍ଲିକ ଓ ତ୍ରିଲୋଚନ କମିଳା ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ସ୍ୱାଗତ ଉତ୍ସବ



**ବାରିପଦା, ୪।୪(ସମିସ):** ବାରିପଦା ସହର ୱାର୍ଡ ନମ୍ବର ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍ଗନୱାଡି ୩ବର୍ଷ ବିତାଇବା ପରେ ପ୍ରଥମ ଥର ପାଇଁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ୬ଜଣ କୁନି କୁନି ଶିଶୁଙ୍କୁ ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ସ୍ୱାଗତ କରାଯାଇଛି। ସମସ୍ତଙ୍କୁ ଚନ୍ଦନ ଲଗାଇ ବେଲୁନ ଫୁଲ ଦେଇ ସ୍ୱାଗତ କରାଯିବା ପରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶେଷରେ ପ୍ରତ୍ୟେକଙ୍କୁ ବହି ଓ ପେନସିଲ ପ୍ରଦାନ କରାଯାଇଥିଲା। ସିଆରସିସି ଧନଞ୍ଜୟ ସାହୁ, ପ୍ରଧାନଶିକ୍ଷକ ସୋମନାଥ ସିଂହଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ତଥା ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀ ଉପସ୍ଥିତ ରହି କୁନିକୁନି ଶିଶୁଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମ ଶ୍ରେଣୀ ଗୃହରେ ବସିବା ପାଇଁ ଥିବା ଛୋଟ ଛୋଟ ଚେୟାର ଓ ଟେବୁଲ ସହ ଡିଜିଟାଲ ଟିଭି କୁନି କୁନି ପିଲାଙ୍କୁ ବେଶ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସାଗରିକା ପାତ୍ର, ବନ୍ଦିତା ପାଲବାବୁ, ଉର୍ମିଳା ଦତ୍ତ, ଗାର୍ଗୀ ଶତପଥୀ, ସସ୍ମିତା ପାତ୍ର ଓ ସୁମିତ୍ରା ରାଉତ ପ୍ରମୁଖ ପରିଚାଳନା କରିଥିଲେ। ପରବର୍ତ୍ତୀ ସମୟରେ ଯେଉଁମାନେ ନାମ ଲେଖାଇବେ ସେମାନଙ୍କୁ ମଧ୍ୟ ସମାନ ଭାବରେ ସ୍ୱାଗତ କରାଯିବ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ସିଂହ କହିଛନ୍ତି।

## ଡାଫଡିଲ୍‌ସ ବିଦ୍ୟାଳୟର ୩ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ବିଶୋଇ, ୪।୪ (ସମିସ) :** ବିଶୋଇ ବ୍ଲକ ଅଧୀନ ଡାଫଡିଲସ୍ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ୩ ଜଣ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି। ନବନିର୍ମିତ ବିଦ୍ୟାଳୟର ପ୍ରଥମ ବ୍ୟାଚର ପଞ୍ଚମ ଶ୍ରେଣୀର ଛାତ୍ରୀ ଦୀପ୍ତିମୟି ଗିରି ଏବଂ ଛାତ୍ର ଲକ୍ଷ୍ମୀଧର ମୁର୍ମୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଛାତ୍ର ଅଭିସ୍ୱନ୍ଦନ ସେଠୀ ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।



ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ପ୍ରଥମ ବ୍ୟାଚରେ ସମୁଦାୟ ୬ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସେଥିମଧ୍ୟରୁ ୩ ଜଣ ଛାତ୍ରଛାତ୍ରୀ ଏହି ସଫଳତା ପାଇପାରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ନାୟକ, ଉପସଭାପତି ଆନନ୍ଦ ରାମଙ୍କ ନିର୍ଦ୍ଦେଶନାରେ ତଥା ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ସେଠୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ମିଳିପାରିଛି ବୋଲି କୃତୀ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ଉନ୍ନତ ମାନର ସି.ବି.ଏସ୍.ଇ ପାଠ୍ୟକ୍ରମ ପ୍ରଦାନ କରି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସଫଳତା ହାସଲ କରାଇବା ମୂଳ ଲକ୍ଷ୍ୟ ରହିଛି ବୋଲି ଅଧ୍ୟକ୍ଷ କହିଛନ୍ତି।

### ପୁଣି ଜିଲ୍ଲାପାଳଙ୍କୁ ଭେଟିଲେ ରଥ କାରିଗର

# ଦାବି ପୂରଣ ନ ହେଲେ ରଥ ନିର୍ମାଣ ବନ୍ଦ ଚେତାବନୀ

**ବାରିପଦା, ୪।୪(ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା କାରିଗର ସେବାୟତମାନଙ୍କ ବିଭିନ୍ନ ଦାବି ନେଇ ଗୁରୁବାର ପୁଣି ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଏନେଇ ଗୁରୁବାର ବାରିପଦା ସ୍ଥିତ କାର୍ଯ୍ୟାଳୟରେ ଭେଟି ଆଲୋଚନା ପୂର୍ବକ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଦାବି ପୂରଣ ନ ହେଲେ ସେମାନେ ରଥ ନିର୍ମାଣ କାମ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ଗତ ୨୦୨୩ ମେ ୨୩ତାରିଖରେ ଏହି ରଥ କାରିଗର ମାନେ ୬ଦଫା ଦାବି ନେଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ନିକଟ ରଥଖଳାରେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିଲେ। ତେବେ ଦାବି ପୂରଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୧ ବର୍ଷ ବିତି ଯାଇଥିଲେ ସୁଦ୍ଧା ଦାବି ପୂରଣ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ରଥ କାରିଗରମାନେ ଆଗାମୀ ଦିନରେ ଯଦି ଦାବି



ପୂରଣ ନ କରାଯାଏ ତାହାହେଲେ ରଥ କାମ କରିବେ ନାହିଁ ବୋଲି ଏକ ଦାବିପତ୍ରରେ ଦର୍ଶାଇ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ହେଲା, ରଥ ମହାପାତ୍ରଙ୍କର ଜାଗିରୀ ଜମିର ପୁନରୁଦ୍ଧାର ପାଇଁ ସଠିକ ପଦକ୍ଷେପ ଗ୍ରହଣ ତଥା ଜାଗିରୀ ଜମି ପୁନରୁଦ୍ଧାର ପର୍ଯ୍ୟନ୍ତ ମାସିକ ୧୦ହଜାର ଭତ୍ତା ପ୍ରଦାନ, ରଥ ବିନ୍ଧାଣୀ କାର୍ଯ୍ୟ ନକରି ଭୋଗ କରୁଥିବା ଜାଗିରୀ ଉଦ୍ଧାରକରି ଉଦ୍ଦିଷ୍ଟ ବିନ୍ଧାଣୀଙ୍କୁ ପ୍ରଦାନ, ରଥ ଖଳାକୁ ସମତଳ କରିବା ସହିତ କାର୍ଯ୍ୟ ଉପଯୋଗି କରିବା ଓ ରଥ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତିଙ୍କର ସୁରକ୍ଷାର ବନ୍ଦୋବସ୍ତ କରିବା, ରଥ ଗୋଦାମକୁ କାଠ ରଖିବା ଓ କାଢିବାର ସୁବନ୍ଦୋବସ୍ତ କରାଇବା, ରଥ ଅଳ୍ପ ଆଉ ଦିନଥିବାରୁ ଏପର୍ଯ୍ୟନ୍ତ ରଥକାଠ ବ୍ୟବସ୍ଥା କରିବା, ବାରଛିଆ ତଥା ସମ୍ପୃକ୍ତ ରଥ ମିସ୍ତ୍ରୀଙ୍କୁ ଦୈନିକ ମଜୁରୀ ବୃଦ୍ଧି କରିବା ଏତଦ୍ ଭିନ୍ନ ବର୍ଷ ବର୍ଷ ଧରି ରଥ ତିଆରି କରୁଥିବା ବାରଛିଆ ଓ ରଥ ମିସ୍ତ୍ରୀମାନଙ୍କୁ ମଧୁବନ ୪ ଡେସିମିଲ୍ ଜାଗା ଲିଜ୍ ପ୍ରଦାନ କରିବା, ରଥ କାର୍ଯ୍ୟ ତଦାରଖ ପାଇଁ ଦେବୋତର କିରାଣୀ ବା ଅଧିକାରୀ ଦୈନିକ ରଥ ଖଳାକୁ ଆସିବା ଆଦି ଦାବି ରହିଛି। ତେବେ ଏ ନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳଙ୍କୁ ରଥ କାରିଗରଙ୍କ ଅଭିଯୋଗର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଏହାପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲା ବେଳେ ଏ ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଦାବି ପୂରଣ ନ କରି ରଥ ନିର୍ମାଣ କାର୍ଯ୍ୟ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପତ୍ର ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ରଥ କାରିଗର ସେବାୟତମାନେ ବିରୋଧ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରଥ ନିର୍ମାଣ କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଆଗକୁ ଦାବି ପୂରଣ ନ ହେଲେ ପୂର୍ବ ପରି କାର୍ଯ୍ୟ ବନ୍ଦ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ବୋଲି ମୃତ୍ୟୁଞ୍ଜୟ ମହାପାତ୍ର, ରବୀନ୍ଦ୍ର ମହାରଣା, ହରିଶଚନ୍ଦ୍ର ମହାରଣା, କ୍ଷୀତିଶ ମହାପାତ୍ର, ହରି ମୋହନ ମହାରଣା ଓ ଅଶୋକ ନାଥ ମହାରଣା ପ୍ରମୁଖ ଦାବିପତ୍ର ଜରିଆରେ ଚେତାବନୀ ଦେଇଛନ୍ତି।

### ଅସହ୍ୟ ତାତିରେ ସିଝୁଛନ୍ତି ଜିଲ୍ଲାବାସୀ; ହିଟଓ୍ୱେଭ୍ ନେଇ ଆଲର୍ଟ

## ଶୁକ୍ରବାର ଜିଲ୍ଲାରେ ବଜ୍ରପାତ ସହ ବୃଷ୍ଟିପାତ ସମ୍ଭାବନା



**ବାରିପଦା, ୪।୪(ସମିସ):** ରୌଦ୍ରତାପ ବୃଦ୍ଧି ଯୋଗୁଁ ଜିଲ୍ଲାବ୍ୟାପୀ ଅସହ୍ୟ ତାତିରେ ଲୋକେ ସିଝୁଛନ୍ତି। ଗ୍ରୀଷ୍ମ ଋତୁ ଆରମ୍ଭରୁ ୪୦.୪ ଡ଼ିଗ୍ରୀ ସହ ରାଜ୍ୟର ସବୁଠୁ ତତଲା ସହରଭାବେ ବାରିପଦା ପରିଗଣିତ ହୋଇସାରିଲାଣି। ଇତିମଧ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ହିଟୱେଭ ନେଇ ମଧ୍ୟ ସତର୍କତା ଜାରି କରାଯାଇଛି। ହିଟୱେଭ ନେଇ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ଅନ୍ୟପକ୍ଷେ ଶୁକ୍ରବାର ଜିଲ୍ଲାରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି। ଏହା ପ୍ରଭାବରେ କେତେକ ସ୍ଥାନରେ ବଜ୍ରପାତ ସହ ବୃଷ୍ଟିପାତ ହେବାର ସମ୍ଭାବନା ମଧ୍ୟ ରହିଛି। ସକାଳୁ ମୁଣ୍ଡଫଟା ଖରାରକୁ ନେଇ ତାତିର ପ୍ରକୋପ ଅନେକ ମାତ୍ରାରେ ରହିଥିଲା। ଅସହ୍ୟ ଗୁଳୁଗୁଳି ସହ ରୌଦ୍ରତାପ ଅନୁଭୂତ ହୋଇଛି। ତାପମାତ୍ରା ବୃଦ୍ଧି ପାଇ ଦିନ ୧୧ଟା ପରେ ଘରୁ ବାହାରିବା ଏକ ପ୍ରକାରର ଅସମ୍ଭବ ହୋଇପଡ଼ିଛି। ମୁଣ୍ଡଫଟା ଖରାର ପ୍ରକୋପ ପାଇଁ ରାସ୍ତାଘାଟ ଦିନ ବେଳେ ଶୂନ୍‌ଶାନ ହୋଇଯାଉଛି। ଜରୁରୀ କାମ ନ ଥିଲେ ପୂର୍ବାହ୍ନ ୧୧ଟା ପରେ ଘରୁ ନ ବାହାରିବାକୁ ଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଛୋଟପିଲା, ବୟସ୍କ, ରୋଗାକ୍ରାନ୍ତ ଓ ଗର୍ଭବତୀଙ୍କୁ ଖରାକୁ ବାହାରିବା ପାଇଁ ବାରଣ କରାଯାଇଛି। ପ୍ରବଳ ତାତି ଅନୁଭୂତ ହେବା ସହ ତାପମାତ୍ରା ପାରଦ ଉପରମୁହାଁ ହୋଇଛି। ଫଳରେ ଗୁଳୁ ଗୁଳି ସାଧାରଣ ଜନଜୀବନକୁ ଅତିଷ୍ଠ କରିଛି।

## ନିର୍ବାଚନ ପାଇଁ ଜୁନ୍ ୧ ସରକାରୀ ଛୁଟି

**ବାରିପଦା, ୪।୪(ସମିସ):** ସାଧାରଣ ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବା ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଛି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ମତଦାନ ନିମନ୍ତେ ସରକାରୀ କର୍ମଚାରୀଙ୍କୁ ଛୁଟି ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି କ୍ରମରେ ଜୁନ ୧ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ଛୁଟି ଘୋଷଣା କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ ୧ରେ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ମତଦାନ ନିମନ୍ତେ ସମସ୍ତ ସରକାରୀ ଅଫିସ ଏବଂ କୋର୍ଟ ଆଦି ବନ୍ଦ ରହିବ। ଭୋଟ୍ ଦେବା ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ କାମ କରୁଥିବା ସମସ୍ତ ସରକାରୀ କର୍ମୀଚାରୀ ଏବଂ କୋର୍ଟ କର୍ମଚାରୀଙ୍କ ପାଇଁ ଛୁଟି ଘୋଷଣା କରାଯାଇଛି।

### ସଂଘବଦ୍ଧ ଆକ୍ରମଣରେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟଣା

## ଅଭିଯୁକ୍ତ ଫେରାର; ରେଳବାଇ ପୁଲିସ ହାତ ଖାଲି

**ବାରିପଦା, ୪।୪(ସମିସ):** ହୋଲି ଦିନ ଜଣେ ରେଳବାଇ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ତେବେ ଘଟଣାକୁ ଇତିମଧ୍ୟରେ ୧୦ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ରେଳବାଇ ପୁଲିସ ସଫଳ ହୋଇପାରିନାହିଁ। ରେଳ ସୁରକ୍ଷା ବଳ ଅଭିଯୁକ୍ତ ଙ୍କୁ ଗିରଫ କରିବା ନିମନ୍ତେ ତନାଘନା ସତ୍ତ୍ୱେ ଜଣେ ବି ଧରାପଡ଼ିନାହାନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଭଞ୍ଜପୁର ଥାନା ଅନ୍ତର୍ଗତ ବାଘରାରୋଡ ସ୍ଥିତ ଲେବଲକ୍ରସିଂରେ ପଶ୍ଚିମବଙ୍ଗର ଖଡ଼ଗପୁର ଅଞ୍ଚଳର ଏ. ରବି(୨୮) ରେଳ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ହୋଲି ଦିନ କୌଣସି କାରଣ ପାଇଁ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଯୁବକମାନେ ନିଶାଶକ୍ତ ଅବସ୍ଥାରେ ଥିବା ବେଳେ ଯୁକ୍ତିତର୍କ କରିବାରୁ ଯୁବକମାନେ ସଙ୍ଘବଦ୍ଧ ଭାବେ ଏ. ରବିଙ୍କୁ ନିର୍ଘାତ ମାଡ଼ ମାରିଥିଲେ। ଫଳରେ ତାଙ୍କ ଛାତି ଓ ମୁଣ୍ଡରେ ଆଘାତ ଲାଗିବାରୁ ସେ ଗୁରୁତ୍ୱର ହୋଇଥିବା ବେଳେ ସ୍ଥାନୀୟ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଉକ୍ତ ସନ୍ଧ୍ୟା ସମୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୨.୪୨ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା।; ଯାହାକୁ ନେଇ ରେଳ ସୁରକ୍ଷା ବଳ ପକ୍ଷରୁ ରେଳ ବିଭାଗ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଳ ପୁଲିସ ତଦନ୍ତକାରୀ ଅଧିକାରୀ ଭାବେ ଶରତ ଆଚାର୍ଯ୍ୟ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି। ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୁଲିସ ପକ୍ଷରୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଚଢ଼଼ଉ କରାଯାଉଥିଲେ ସୁଦ୍ଧା ୧୦ ଦିନ ହେବ ସେମାନେ ଫେରାର ରହିଛନ୍ତି। ଫଳରେ ତାଙ୍କୁ ଗିରଫ କରିବାରେ ରେଳ ପୁଲିସ ବାରମ୍ବାର ବିଫଳ ହୋଇଛି। ତେବେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ରେଳ ପୁଲିସ ପକ୍ଷରୁ କୁହାଯାଇଛି।

## ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଟିମ୍ 'ଏ' ବିଜୟୀ



**ବାରିପଦା, ୪।୪(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିନର ମ୍ୟାଚରେ ଟିମ-ଏ ଟିମ-ଡି'କୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ-ଡି ୨୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶୁଭମ ସାନ୍ତରା ୫୧ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରିୟଙ୍କ ପଟ୍ଟନାୟକ ହ୍ୟାଟ୍ରିକ ସହ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ-ଏ ୧୭.୪ ଓଭରରେ ୪ଉଇକେଟ ହରାଇ ୧୩୪ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ରୋଶନ ଚୌଧୁରୀ ୭୪ରନ କରିଥିବା ବେଳେ ରୁଚିକା ମଣ୍ଡଳ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ବରିଷ୍ଠ ସଦସ୍ୟ ତଥା ପୂର୍ବତନ କ୍ରିକେଟ ଖେଳାଳି ପଵନ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ବିଜୟ କୁମର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ପୋଷ୍ଟାଲ ବାଲାଟ ମତଦାନ ପାଇଁ କର୍ମଚାରୀଙ୍କୁ ପ୍ରଶିକ୍ଷଣ

**ବାରିପଦା, ୪।୪(ସମିସ)**

ଆଗାମୀ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଜୋରଦାର ହେଉଛି। ନିର୍ବାଚନ ସମୟରେ ମତଦାନ ସାବ୍ୟସ୍ତ କରିବା ସବୁଠୁ ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବାବେଳେ ପୋଷ୍ଟାଲ ବାଲଟ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ସାଧାରଣ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟ ପ୍ରାଧାନ୍ୟ ସହିତ ସମ୍ପାଦନା କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ସମସ୍ତ ରିଟର୍ଣ୍ଣିଂ ଅଫିସର ଏବଂ ଅତିରିକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ଅଧ୍ୟକ୍ଷତାରେ ତାଲିମ ଦିଆଯାଉଛି। ଉଦଳା ଏବଂ ବାରିପଦା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ସମସ୍ତ କାର୍ଯ୍ୟକାରୀ ଅଧିକାରୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହେଉଥିବା ବେଳେ ଜିଲ୍ଲାପାଳ ଶ୍ରୀ ସିନ୍ଦେ କହିଥିଲେ ଯେ, ଏହି ପୋଷ୍ଟାଲ ବାଲାଟ ଭୋଟିଂ ବ୍ୟବସ୍ଥା ପ୍ରତ୍ୟେକ ମତଦାତାଙ୍କୁ




ଦାୟିତ୍ୱର ସହିତ ଏବଂ ସମସ୍ତ ଅଧିକାରୀଙ୍କୁ କର୍ତ୍ତବ୍ୟନିଷ୍ଠତା ସହିତ ଅନୁଧ୍ୟାନ କରିବାକୁ ହେବ। ପ୍ରକାଶ ଥାଉକି, ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ (ସର୍ବନିମ୍ନ ୪୦%) ଶାରୀରିକ ଅକ୍ଷମ ବ୍ୟକ୍ତି, ସମସ୍ତ ଚାକିରିଆ ବ୍ୟକ୍ତି ଏବଂ ୮୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ଚାଲି ପାରୁ ନଥିବେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସୂଚନା ଥାଉକି, ମୟୂରଭଞ୍ଜ ଜିଲ୍ଲାରେ ମୋଟ ୪୮୯୩ ଜଣ ଚାକିରିଆ ମତଦାତା ଅଛନ୍ତି ଏବଂ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ସରକାରୀ ଚାକିରିଆଙ୍କ ପତ୍ନୀ ଯଦି ତାଙ୍କ ସହିତ ରହୁଥିବେ ତେବେ ସେମାନେ ମଧ୍ୟ ଏହି ପୋଷ୍ଟାଲ ବାଲାଟ ଭୋଟିଂ ପାଇଁ ଯୋଗ୍ୟ। ସେହିପରି ପୁଲିସ, ଜରୁରୀକାଳୀନ, ଅଗ୍ନିଶମ, ସ୍ୱାସ୍ଥ୍ୟ ସେବା ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରାଧିକୃତ ଗଣମାଧ୍ୟମ ପ୍ରତିନିଧି ଯେଉଁମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଏହି ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି। ସରକାରୀ ଚାକିରିଆ ନିର୍ବାଚନ କମିଶନ ଫର୍ମ-୧୨ ଦ୍ୱାରା ଏହି ବ୍ୟବସ୍ଥାର କାର୍ଯ୍ୟକାରୀ କରାଇପାରିବେ। ପୋଷ୍ଟାଲ ବାଲାଟ ଭୋଟିଂ, ଆପ୍ ବ୍ୟବହାର ଦ୍ୱାରା ଭୋଟ ପ୍ରକ୍ରିୟା ସରଳୀକରଣ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ମତଦାତାଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହେଲେ ମତଦାନ ପରିମାଣ ବୃଦ୍ଧି ହେବା ସହ ଏକ ରାଷ୍ଟ୍ର ଗଠନରେ ସମସ୍ତଙ୍କ ଭୂମିକା ରହିବା ବୋଲି ସେ କହିଥିଲେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମତଦାତାଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା ସାଙ୍ଗକୁ ଏହି ମତଦାତା ମାନଙ୍କୁ ପ୍ରାଥମିକତା ଭିତ୍ତିରେ ମତଦାନ କରିବା ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ହୋମ ଭୋଟିଂ, ପୋଷ୍ଟାଲ ବାଲାଟ, ସ୍ୱତନ୍ତ୍ର ଗାଡି ଦ୍ୱାରା ମତଦାନ କେନ୍ଦ୍ରକୁ ଯିବା, ର୍‌ୟାମ୍ପ ବ୍ୟବସ୍ଥା ସହ ହୁଇଲ ଚେୟାର ଆଦି ଉପଲବ୍ଧ କରାଯିବ। ନିୟୋଜିତ ବିଏଲଓମାନେ ଘରକୁ ଘର ଯାଇ ଏହି ସମସ୍ତ ଭୋଟରଙ୍କ ତଥ୍ୟ ସଂଗ୍ରହ କରିବା ସହ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଏହାକୁ ଦାଖଲ କରିବେ। ଦୃଷ୍ଟି ବାଧିତ ଭୋଟରମାନେ ନିଜ ସହ ଜଣକୁ ଭୋଟ ଦେବାକୁ କେନ୍ଦ୍ରକୁ ନେଇପାରିବେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ସମସ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ ସମେତ କପ୍ତିପଦା ଏବଂ ବାରିପଦା ଉପଖଣ୍ଡର ସମସ୍ତ ଅଧିକାରୀଗଣ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ ନେଇ ଥାନାରେ ମାମଲା

**ବାଙ୍ଗିରିପୋଷି, ୪।୪(ସମିସ):** ବାଙ୍ଗିରିପୋଷି ଥାନା ଅଞ୍ଚଳରେ ପଞ୍ଚମ ଶ୍ରେଣୀ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତି ସମୟରେ ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ନାବାଳକ ଝିଅର ମାଆକୁ ଧକ୍କା ମାରି ନାବାଳିକାକୁ ଜୋରଜବରଦସ୍ତ ଉଠାଇ ନେଇଥିବା ବାଙ୍ଗିରିପୋଷି ଥାନା ସମେତ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଆଦିବାସୀ ସେଙ୍ଗଲ ପକ୍ଷରୁ ବାରିପଦା ଜୋନାଲ କମିଟି ସହ ମାଝୀ ପାରଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ନାବାଳିକା ଝିଅକୁ ଉଦ୍ଧାର ସହ ନାବାଳିକାର ମାଆଙ୍କୁ ହତ୍ୟା ଧମକ ଦେଇଥିବା ଉକ୍ତ ଅପହରଣକାରୀ ନାବାଳକ ଏବଂ ତାଙ୍କୁ ସହେଯାଗ କରିଥିବା ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ କରିଛନ୍ତି।

## ଖପରାପାଳ ଗାଁ ଦୋକାନରୁ ଚୋରି ଘଟଣା
# ମା' ପୁଅକୁ ବାନ୍ଧିଲା ପୁଲିସ



**କପ୍ତିପଦା, ୪।୪(ସମିସ)**

ଗୁରୁବାର ମଧ୍ୟାହ୍ନରେ ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟଙ୍କ ଉପସ୍ଥିତରେ ଗତ ମାର୍ଚ୍ଚ ୩୧ ତାରିଖରେ ୩ ଲକ୍ଷ ୭୦ ହଜାର ଟଙ୍କା ଚୋରି ହୋଇଥିବା ଘଟଣାରେ କପ୍ତିପଦା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ପର୍ଦ୍ଦାଫାସ କରିଛନ୍ତି। ମାଆ ଟଙ୍କା ଆଣିବାକୁ କହୁଥିଲା, ଆଉ ପୁଅ ଚୋରି କରି ଆଣି ଟଙ୍କା ଦେଉଥିଲା ; ହେଲେ ଏଥର ପୁଲିସ୍ ହାବୁଡରେ ପଡ଼ିଗଲେ ମା'ପୁଅ। ଉଭୟ ଧରା ପଡ଼ିବା ପରେ ସାମ୍ନାକୁ ଆସିଛି ସମ୍ପୂର୍ଣ୍ଣ ଘଟଣା। ସୂଚନା ଅନୁସାରେ, କପ୍ତିପଦା ଥାନା ଖପରାପାଳ ଗ୍ରାମରେ ଥିବା ଏକ ଦୋକାନରୁ ମାର୍ଚ୍ଚ ୩୧ ତାରିଖ ରାତିରେ ୩ ଲକ୍ଷ ୭୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଲୁଟେରାମାନେ ଦୋକାନରେ ଥିବା ଏକ ଟଙ୍କା ବାକ୍ସକୁ ନେଇଯାଇଥିବା ମଧ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରି ସ୍ଥାନୀୟ ସୋନନଈ ନିକଟରୁ ବାକ୍ସ ପାଇଥିଲେ; କିନ୍ତୁ ଟଙ୍କା ମିଳି ନ ଥିଲା। ଶେଷରେ ଘଟଣାର ତଦନ୍ତ ପରେ ଉକ୍ତ ଗ୍ରାମର ବାରି ହେମ୍ବ୍ରମ୍ ଏବଂ ତାଙ୍କ ପୁଅ ମହନ୍ତ ହେମ୍ବ୍ରମକୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ମହନ୍ତ ହେମ୍ବ୍ରମକୁ ଟଙ୍କା ଆଣିବା ନିମନ୍ତେ କହିଥିଲା ମାଆ ବାରି ହେମ୍ବ୍ରମ୍। ଟଙ୍କା ଆଣିବା ପାଇଁ ପୁଅ ମହନ୍ତ ଘରଠାରୁ ୫ଶହ ମିଟର ଦୂରରେ ଥିବା ଏକ ଦୋକାନକୁ ରାତିରେ ଯାଇ ସେଠାରୁ ଟଙ୍କା ବାକ୍ସ ଚୋରି କରି ଆଣିଥିଲା। ଚୋରି କରିଥିବା ଟଙ୍କା ବାକ୍ସରେ ୩ ଲକ୍ଷ ୭୦ ହଜାର ଟଙ୍କା ରହିଥିବା ବେଳେ ସେହି ଟଙ୍କାରୁ ୩୫ ହଜାର ଟଙ୍କା ଦେଇ ମହନ୍ତ ଏକ ମୋବାଇଲ କିଣିବା ପରେ ବାକି ଟଙ୍କା ମାଆକୁ ଦେଇଥିଲା। ବାରି ସେହି ଟଙ୍କାରୁ କିଛି ତାଙ୍କ ଭାଇକୁ ଦେଇଥିବା ବେଳେ ବାକି ତକ ଟଙ୍କା ପାଖରେ ରଖିଥିଲା। ଏହି ଖବର ପୁଲିସ ପାଇ ଚଢଉ କରିଥିଲା। ପରେ ପୁଲିସ ମା'ପୁଅ ନିକଟରୁ ୮୮ ହଜାର ୫ଶହ ଟଙ୍କା ଏବଂ ମୋବାଇଲକୁ ଜବତ କରିଛି। ପୁଲିସ ଅଧିକ ତଦନ୍ତ ଚଳାଇଛି।

# ରାଜ୍ୟ ରାଜପଥ ବିପର୍ଯ୍ୟସ୍ତ; ମରାମତି ଦାବି



**ମୋରଡ଼ା, ୪।୪(ସମିସ):** ମୋରଡ଼ା ବ୍ଲକ ଦେଇ ଯାଇଥିବା ୬୧ ନମ୍ବର ରାଜ୍ୟ ରାଜପଥ ଏବେ ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ରାଜପଥର ବିଭିନ୍ନ ସ୍ଥାନରୁ ପିଚୁ ଉଠି ବିପର୍ଯ୍ୟସ୍ତ ହୋଇଛି। ଫଳରେ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ରାସ୍ତା ଉପରେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ସାଧାରଣ ଜନତା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅମରଦା-ବାରିପଦା ଓ ମୋରଡ଼ା- ବାରିପଦା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବା ନେଇ ବାରମ୍ବାର ଜନସାଧାରଣ ଦାବି କରିବା ପରେ ବି କୌଣସି ଫଳ ମିଳୁନାହିଁ। ମୋରଡ଼ା-ଚିତ୍ରଡା ରାସ୍ତା ମରାମତି କାମ ଯେନତେନ ପ୍ରକାରେ ଶେଷ କରିଦେଇ ପୂର୍ତ୍ତ ବିଭାଗ ଶୋଇରହିଛି। ତେବେ ମୋରଡ଼ା ବ୍ଲକର ନିଚୁଆପଦା ଛକ ନିକଟରେ ବିରାଟ ଗାତ ଥିବାରୁ ହାଟ ସମୟରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ସେହିପରି ଚିତ୍ରଡା ପୋଷ୍ଟ ଅଫିସ ସାମ୍ନା ରାସ୍ତା, ଅସ୍ତିଆ ଆଗକୁ ଥିବା ପୋଲ ରାସ୍ତାକୁ ତୁରନ୍ତ ମରାମତି ନ କଲେ ବଡ ଧରଣର ଦୁର୍ଘଟଣା ହୋଇପାରେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। କିଛି ମାସ ପୂର୍ବେ ଗାତଗୁଡିକରେ ମେଟାଲ ପକାଇ ଚୁପ୍ ରହିଛି ପୂର୍ତ୍ତ ବିଭାଗ। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବିଭାଗୀୟ ଇଂଜିନିୟର ରୋହନ ରାୟଙ୍କୁ ପଚାରିବାରୁ ସେ ତୁରନ୍ତ ଏସଡିଓଙ୍କୁ ରାସ୍ତା ମରାମତି କରିବାକୁ କହିଥିବା ସୂଚନା ଦେଇଛନ୍ତି।

# ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ସଂକଟ

**ବଡ଼ସାହି, ୪।୪(ସମିସ):** ସରକାରଙ୍କ କଡା ନିର୍ଦ୍ଦେଶ ରହିଛି ଯେ, ବିଦ୍ୟାଳୟରେ ଚାଲୁଥିବା ମଧ୍ୟାହ୍ନଭୋଜନ ପ୍ରକ୍ରିୟା କୌଣସି ପ୍ରକାରେ ବନ୍ଦ କରାଯାଇପାରିବ ନାହିଁ। ଯଦି ବନ୍ଦ କରାଯାଏ ତାହାହେଲେ ତାହା ଦଣ୍ଡନୀୟ। ଫଳତଃ ଏଥିରେ ତ୍ରୁଟି କରି ଅନେକ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ମଧ ଦଣ୍ଡିତ ହେବାର ନଜିର ରହିଛି; କିନ୍ତୁ ବିଦ୍ୟାଳୟକୁ ସରକାର ଯୋଗାଉଥିବା ଚାଉଳର ଅଭାବ ଯୋଗୁଁ ବଡସାହି ବ୍ଲକର ଶତାଧିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ହେବା ଆଶଙ୍କା ରହିଛି। ଏ ନେଇ ଦାୟିତ୍ୱରେ ଥିବା ଏବିଇଓ ରାଧିଆ ମୁଣ୍ଡାଙ୍କୁ ପଚାରିବାରୁ ମାର୍ଚ୍ଚ ମାସର କୋଟା ପୂରଣ ହୋଇଛି। ଏପ୍ରିଲରେ ଚାଉଳ କୋଟା ଆସିଲେ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ବ୍ଲକର ଅନେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ମାର୍ଚ୍ଚ ମାସରୁ ଶେଷ ହୋଇଗଲାଣି। ଏପ୍ରିଲ ମାସର ପ୍ରଥମ ସପ୍ତାହ ଶେଷ ହେବାକୁ ଯାଉଛି। ବିଦ୍ୟାଳୟ ସହ ଛାତ୍ରାବାସ ଥିବା ଶିକ୍ଷାନୁଷ୍ଠାନରେ ଚାଉଳ ସମସ୍ୟା ନାହିଁ କହିଲେ ଚଳେ; ମାତ୍ର କେବଳ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମସ୍ୟା କହିଲେ ନ ସରେ। ଚାଉଳ ସମସ୍ୟା ପାଇଁ ସେମାନେ ଅଙ୍ଗନବାଡି, ନିଜ ଘରୁ, ଗାଁ ସାହି, ଦୋକାନରୁ କିଣି ଏହି ଅଭାବୀ ସମସ୍ୟା ଦୂର କରୁଛନ୍ତି। ସେହିପରି ବଜାରରେ ଅଣ୍ଡା ଗୋଟାଏ ୬ରୁ ୭ ଟଙ୍କା ଦରରେ ମିଳୁଥିବାବେଳେ ସପ୍ତାହକୁ ଦୁଇଥର ପ୍ରାଥମିକ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା ଜାଳେଣି ଖର୍ଚ୍ଚ ଓ ରାସନ ବାବଦରେ ଦୈନିକ ଟ ୫.୯୨ ପଇସା ମିଳୁଛି। ତେଣୁ ଉତ୍ତମ ତଥା ସୁଷମ ଖାଦ୍ୟ ପରିବେଷଣରେ ବାଧା ନିଶ୍ଚିତ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ଦାବି ହେଉଛି।

## ଯଶିପୁର ବିଧାନସଭା ଆସନ
# ବିଜେଡିରୁ ଚକ୍ରଧର ହେମ୍ବ୍ରମ; ସ୍ଥିତି ସୁଦୃଢ଼

**ଖୁଣ୍ଟ, ୪।୪(ସମିସ):** ଆଗାମୀ ନିର୍ବାଚନ ପାଇଁ ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଗତକାଲି ଘୋଷଣା ହୋଇଛି। ରାଜ୍ୟ ରାଜନୀତିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯଶିପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଚକ୍ରଧର ହେମ୍ବ୍ରମଙ୍କୁ ପ୍ରାର୍ଥୀ କରିଛି। ଫଳରେ ଏ ନେଇ କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଗତ ୨୦୦୦ ନିର୍ବାଚନରେ ଏହି ଆସନରୁ ବିଜେପିର ଭାନୁଚରଣ ନାଏକ, ୨୦୦୪ରେ ଏସୟୁସିଆଇରୁ ଶମ୍ଭୁନାଥ ନାଏକ, ୨୦୦୯ରେ ବିଜେଡ଼ିରୁ କମଳାକାନ୍ତ ନାୟକ, ୨୦୧୪ରେ ବିଜେଡିରୁ ମଙ୍ଗଲ ସିଂ ମୁଦି ନିର୍ବାଚିତ ହୋଇଥିଲେ। ସେହିପରି ୨୦୧୯ ନିର୍ବାଚନରେ ଏଠାରୁ ବିଜେପିର ଗଣେଶ ରାମ ସିଂ



ଖୁଣ୍ଟିଆ ୫୮, ୭୦୮ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଗୋଲକ ନାୟକଙ୍କଠାରୁ ୮, ୫୫୨ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିଲେ। ସେତେବେଳେ ମୟୂରଭଞ୍ଜର ୪୯ ଜିଲ୍ଲା ପରିଷଦ ଆସନ ବିଜେପି ହାତକୁ ଆସିଥିଲା। ତେବେ ୨୦୨୨ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେଡି ୫୩ ଆସନରେ ବିଜୟୀ ହୋଇଥିଲା ଏବଂ ବିଜେପି ଖାତା ଖୋଲି ପାରି ନଥିଲା। ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବାରମ୍ବାର ମୟୂରଭଞ୍ଜ ଗସ୍ତରେ ଆସି ଦଳର ସ୍ଥିତିକୁ ସୁଦୃଢ କରିପାରିଥିବାରୁ ଏପରି ସଫଳତା ମିଳିପାରିଥିଲା ବୋଲି ବିଜେଡି କର୍ମୀ ଦାବି କରନ୍ତି। ତେବେ ଏଥର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ଲୋକାଭିମୁଖୀ କାର୍ଯ୍ୟକୁ ନେଇ ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ଉଲ୍ଲେଖନୀୟ ସଫଳତା ହାସଲ କରିବ ବୋଲି ବିଜେଡି ଶିବିର ଦୃଢୋକ୍ତି ପ୍ରକାଶ କରିଛି।

# କୁନି ପ୍ରତିଭାଙ୍କ ବାର୍ଷିକ ଉତ୍ସବ 'ପୁଲକ'



**ଶୁକୃଳି, ୪।୪(ସମିସ):** ଶିଶୁଟିଏ ଯେଉଁ ଅଗଣାରେ ପାଦଥାପି ନିଜକୁ ଗଢେ, ଆଗକୁ ବଢେ ଓ ସମାଜରେ ଶ୍ରେଷ୍ଠ ହେବାର ସ୍ୱପ୍ନ ଦେଖେ ସେହି ପ୍ରାଙ୍ଗଣ ହେଉଛି ପାଠଶାଳା ବୋଲି ଗୁରୁବାର ଶୁକୃଳି ବ୍ଲକ ଅନ୍ତର୍ଗତ ତଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପୁଲକ'ରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାପସ କୁମାର ବେହେରା ସଭାପତି ରୂପେ କାର୍ଯ୍ୟ ତୁଲାଇ ଥିବାବେଳେ ମୁଖ୍ୟ ଅତିଥି ରୂପେ ଶୁକୃଳି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସଂଗ୍ରାମ କେଶରୀ ମଲ୍ଲିକ, ମୁଖ୍ୟବକ୍ତା ଭାବରେ ଶିକ୍ଷକ ଗଣେଶ୍ୱର ସାହୁ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚଳନା ସମିତିର ସଭାପତି ଅଜିତ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ବିଜନ ଚାତାର ଏବଂ ସିଆରସିସି ଡିଲା ବିରୁଆ ଯୋଗଦେଇଥିଲେ। ଶିଶୁ ବହୁ ପ୍ରତିଭାର ଅଧିକାରୀ। ସେମାନଙ୍କୁ ଉତ୍ତମ ପ୍ରେରଣା ଓ ଉପଯୁକ୍ତ ପରିବେଷ୍ଟନି ଆହୁରି ଆଗକୁ ନେଇପାରିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ବଳରେ ଏହି ବିଦ୍ୟାଳୟ ଆଦର୍ଶ ସ୍କୁଲ ହୋଇପାରିଛି ବୋଲି ଅତିଥିଗଣ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷକ ଦଶରଥ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୩-୨୪ ଶିକ୍ଷା ବର୍ଷରେ ବିଭିନ୍ନ ବିଭାଗରେ କୃତୀ ଶତାଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କାମିନୀକାନ୍ତ ମହାକୁଡ ମଞ୍ଚ ପରିଚଳନା ଓ ଶିକ୍ଷୟିତ୍ରୀ ମାନିନୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଣ୍ଟା ବଣିକ ସଂଘର ୭ମ ବାର୍ଷିକ ବୈଠକ




**ଖୁଣ୍ଟା, ୪।୪(ସମିସ):** ଖୁଣ୍ଟା କଲ୍ୟାଣ ମଣ୍ଡପରେ ବଣିକ ସଂଘର ୭ମ ବାର୍ଷିକ ପ୍ରତିଷ୍ଠା ଦିବସ ସଂଘର ସଭାପତି କାହ୍ନୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଉପଦେଷ୍ଟା କୈଳାସ ବେହେରା, ପ୍ରଦୋଷ କୁମାର ଦାସ, ସିଦ୍ଧେଶ୍ୱର ପରମାଣିକ, ଉପସଭାପତି ତରୁଣ କୁମାର ବେହେରା, ସମ୍ପାଦକ ମନୋଜ ରଥ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଭାପତି ଶ୍ରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘକୁ ସମ୍ମାନ ଦେବା ଆମ୍ଭମାନଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସେହିପରି ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବାସହ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ବ୍ୟବସାୟୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାପାଇଁ ବ୍ୟବସାୟୀ ମାନଙ୍କୁ ପରାମର୍ଶ ଦେଇଥିଲେ ସଭାପତି। ଏହି ଅବସରରେ ଖୁଣ୍ଟା ବଜାରର ବରିଷ୍ଠ ବ୍ୟବସାୟୀ ଲକ୍ଷ୍ମୀଧର ବେହେରାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ କୈଳାସଚନ୍ଦ୍ର ବେହେରା (ଦୁଃଖୀ ଭାଇ), ଉପସଭାପତି ହୃଦୟରଞ୍ଜନ ମହାକୁଡ (ଲୁଲୁ), କୋଷାଧ୍ୟକ୍ଷ ସୁଦେଶଚନ୍ଦ୍ର ଚୌଧୁରୀ, ସମ୍ପାଦକ ଭାବେ ଜ୍ଞାନରଞ୍ଜନ ସାହୁ ଓ ସହସମ୍ପାଦକ ଭାବେ ବିଶ୍ୱରଞ୍ଜନ ବାରିକ, ସୁଶାନ୍ତ ଦାସ ଏବଂ ତପନକୁମାର ବେହେରା (ଦୀପୁ) ମନୋନୀତ ହୋଇଛନ୍ତି। ବୈଠକରେ ୩ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଉପସ୍ଥିତ ରହି କମିଟିର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷରେ ଉପଦେଷ୍ଟା ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ ୨ ଛାତ୍ରୀଙ୍କ କୃତିତ୍ୱ





**ଶୁକୃଳି, ୪।୪(ସମିସ):** ଚଳିତ ବର୍ଷ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ ଶୁକୃଳି ବ୍ଲକ ସ୍ଥିତ ଆନନ୍ଦମାର୍ଗ ବିଦ୍ୟା ନିକେତନର ପଞ୍ଚମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ମିଶ୍ର ଓ ଜିଜ୍ଞାସାରାଣୀ ପାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ସ୍କୁଲର ଗୌରବ ରକ୍ଷା କରିବା ସଙ୍ଗେ ସଙ୍ଗେ ଶୁକୃଳି ବ୍ଲକର ସୁନାମ ଆଣିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଗାୟତ୍ରୀ ପ୍ରସାଦ ଷଡଙ୍ଗୀ ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କୃତିତ୍ୱ ହାସଲ କରିଥିବା ଦୁଇ ଛାତ୍ରୀଙ୍କୁ ତାଙ୍କର ସଫଳତା ନିମନ୍ତେ ଆର୍ଶୀବାଦ ଦେବା ସଙ୍ଗେ ସଙ୍ଗେ ଉତ୍ତରୋତ୍ତର କାମନା କରିଛନ୍ତି।

# ଆଜି ଅଭିରାମ ପରମହଂସ ଆଶ୍ରମରେ ଶ୍ରୀନାମଯଜ୍ଞ ଓ ସନାତନ ଧର୍ମ ସମ୍ମିଳନୀ



**କପ୍ତିପଦା, ୪।୪(ସମିସ):** ଜଡିଦା ପଞ୍ଚାୟତ ବାଘମରା ଗ୍ରାମରେ ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ଆଶ୍ରମରେ ୩ଦିନ ଧରି ଚାଲିବାକୁ ଥିବା ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ଆଜିଠାରୁ ଅର୍ଥାତ ଅପ୍ରେଲ ୫ ତାରିଖରୁ ଆରମ୍ଭ ହେବ। ଏହି ସମ୍ମିଳନୀରେ କଟକ, ଭୁବନେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରୁ ଭକ୍ତଙ୍କ ଭିଡ ଗତକାଲିଠାରୁ ଆରମ୍ଭ ହୋଇଛି। ଗତକାଲି ଆଧିବାସ ସରିଥିବା ବେଳେ ଆଜି ପ୍ରାତଃ ୬ଘଣ୍ଟାରେ ଶ୍ରୀନାମଯଜ୍ଞ ଅଷ୍ଟମ ପ୍ରହରୀ ବାବାଜୀ ଶ୍ରୀବିମ୍ବାଧରଦାସ ମହାରାଜାଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଛି। ଆସନ୍ତା ୬ତାରିଖ ପ୍ରାତଃ ୬ଘଣ୍ଟା ସମୟରେ ନାମ ବିସର୍ଜନ ଓ ନଗରକୀର୍ତ୍ତନ, ସନ୍ଧ୍ୟା ୭ଟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ସେହିପରି ୭ତାରିଖରେ ଏକ ଅଧିବେଶନ, ଭଜନ, ହରିକଥା ଶ୍ରବଣ ଭଳି ଅନେକ କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ବିଭିନ୍ନ ମଠ ଓ ଆଶ୍ରମରୁ ପ୍ରବକ୍ତାମାନେ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିଭିନ୍ନ ଅଞ୍ଚଳକୁ ଆସୁଥିବା ଭକ୍ତଙ୍କୁ କପ୍ତିପଦାଠାରୁ ଆଶ୍ରମ ପର୍ଯ୍ୟନ୍ତ ନିରାପଦରେ ପହଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ବାବାଜି ଶ୍ରୀ ଜୀବନାନନ୍ଦ ଦାସମହାରାଜ ସୂଚନା ଦେଇଛନ୍ତି।

# ଟିକରବାଟିରେ ସଚେତନତା ସଭା



**ବଡସାହି, ୪।୪(ସମିସ):** ବଡ଼ସାହି ବ୍ଲକର ଦୁର୍ଗାପୁର ଗ୍ରାମ ପଞ୍ଚାୟତ ଅଧୀନ ଟିକରବାଟି ଗ୍ରାମରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସେବତୀ ଟୁଡୁ ଯୋଗଦାନ କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ସରକାରଙ୍କ ସମସ୍ତ ଯୋଜନାରେ କିଭଳି ଭାବରେ ଗ୍ରାମବାସୀ ଉପକୃତ ହୋଇ ପାରିବେ ସେ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ସଙ୍ଘ ସହାୟକ ଗୋଷ୍ଠୀର ମହିଳାଙ୍କ ସୁବିଧା ଅସୁବିଧାର ବାବଦରେ ପଚାରି ବୁଝି ଆଗାମୀ ଦିନରେ କିଭଳି ଭାବରେ ନିଜ ପଞ୍ଚାୟତରୁ ଯାଇ ଉଚ୍ଚସ୍ତରରେ ସୁନାମ ଅର୍ଜନ କରିବେ, ସେଥିପାଇଁ ତାଙ୍କର ସମସ୍ତ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ଗ୍ରାମର ସମସ୍ୟା ଗୁଡିକୁ ଜନସାଧାରଣଙ୍କ ସହଯୋଗରେ ସମାଧାନ କରିବା ପାଇଁ ସେଚ୍ଛାସେବୀଙ୍କୁ ଆହ୍ୱାନ କରିଥିଲେ। ବିଗତ ଦିନରେ ଗ୍ରାମ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାମରେ ସହାୟତା କରିଥିବା ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବାରିପଦା ସଦ୍‌ଭାବନା ସମିତିର ୪୫ତମ ମାନବ ଧର୍ମ ସମ୍ମିଳନୀ
# ୪ ଜଣଙ୍କୁ 'ସେବକଶ୍ରୀ' ସମ୍ମାନ ପ୍ରଦାନ

**ବାରିପଦା, ୪।୪(ସମିସ)**



ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା ସଦ୍‌ଭାବନା ସମିତିର ୪୫ତମ ମାନବ ଧର୍ମ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗତ ୧୯୮୦ ମସିହାରୁ ଓଡ଼ିଶାରେ ଅଭିନବ ଭାବେ ପ୍ରଥମ ଥର ପାଇଁ ମାନବ ଧର୍ମ ସମ୍ମିଳନୀ ଆୟୋଜିତ ହୋଇଆସୁଛି। ଏଥିରେ ସର୍ବଧର୍ମର ସମାଗମ ହୋଇଥାଏ। ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଡ଼ିଶାରେ ବେଦ ଧାମର ପ୍ରତିଷ୍ଠାତା ପୂଜ୍ୟସ୍ୱାମୀ ସୁଧାନନ୍ଦଜୀ ସରସ୍ୱତୀ ମହାରାଜ ଧର୍ମର ତିନିଗୁଣ ଦେହଧାରଣ ପାଇଁ ଭୋଗବାଦୀ କରାଏ; ମାତ୍ର ଧର୍ମ ସହିତ ଦେହୀର କୌଣସି ସମ୍ପର୍କ ନ ଥାଇ ଯେ ଆତ୍ମାର ଅନାହତ ବଂଶୀଧ୍ୱନୀ ଶୁଣି ବାସ୍ତବବାଦୀ ସେ ଆତ୍ମବିତ୍ ଭାବେ ମହାମନିଷୀ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରବକ୍ତା ଭାବେ ଅଖିଳ ଭାରତୀୟ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଅଧ୍ୟକ୍ଷ ମୁନିଶ୍ୱର ନିରଞ୍ଜନ ଶାସ୍ତ୍ରୀ ବିଦୂରଙ୍କ ପରି ସରଳରେଖକ ପାରିବାରିକ କର୍ତ୍ତବ୍ୟ, ଚାଣକ୍ୟଙ୍କ ପରି କ୍ଷମତା ପାଇ ବି ଅନ୍ୟକୁ ଦେଇ ସାମାଜିକ ଦାୟିତ୍ୱ ଏବଂ ସନ୍ଥ କବୀରଙ୍କ ପରି ଅନୀତିରେ ଅଙ୍କୁଶ ଲଗାଇବାକୁ ଜୀବନ ଉତ୍ସର୍ଗ କରି ଯେ ପ୍ରତ୍ୟୟ ପୁରୁଷ ସେ ଜୀବନ ପାଠର ବଞ୍ଚିବାର ବ୍ୟାକରଣ ଶିଖାଇ ପର ହିତରେରତ ଗୁଣୀର ଗୁଣ ନ ଚିହ୍ନି ଖୁଣ ଖୋଜିଲେ ଈଶ୍ୱରଙ୍କ ଲାଠିରେ ଶବ୍ଦ ନାହିଁ ମନ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ କନେଷ୍ଟବଳ ପ୍ରଦୀପ କୁମାର ଘୋଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଶକୁନ୍ତଳା ପାଢ଼ୀ, ଶ୍ରେଷ୍ଠ ଅଗ୍ନି ନିର୍ବାପକ ଅଜୟ କୁମାର ଦାସ ଏବଂ ପୌରପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଦଶରଥ ହେମ୍ବ୍ରମଙ୍କୁ ମୁଖ୍ୟଅତିଥି ସେବକଶ୍ରୀ ଉପାଧିରେ ବିଭୂଷିତ କରିବା ସହିତ ପ୍ରବକ୍ତା ଏବଂ ସମୀକ୍ଷକ ଆଚାର୍ଯ୍ୟ ବିଜୟଜୀଙ୍କୁ ସମିତି ତରଫରୁ ରୌପ୍ୟ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଫାଦର ସଞ୍ଜୟ ପରମାଣିକ, ଜନାବ ଏସ୍. କେ ମୟୀନୁଲ ଅଜିଜ୍, ଖାଲସା ପନ୍ଥର ସର୍ଦ୍ଦାର ହରଦୀପ ସିଂ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ବ୍ରହ୍ମସମାଜ, ପ୍ରଜାପିତା, ଚିନ୍ମୟ ମିଶନ୍, ଠାକୁର ଅନୁକୂଳ ଚନ୍ଦ୍ର ଆଶ୍ରମ, ଠାକୁର ନିଗମାନନ୍ଦ, ଗାୟତ୍ରୀ ପରିବାର, ରାଧାଗୋବିନ୍ଦ ଧାମ, ଶ୍ରୀଅରବିନ୍ଦ ଯୋଗ ନିକେତନ, ତ୍ରାହି ଅଚ୍ୟୁତ ସଂଘ, ସତ୍ୟସାଇ ଦେବା ସଂସ୍ଥାନ, ମୁନି ସମାଜ ଆଦିର ସଞ୍ଚାଳକ ଏବଂ ପ୍ରତିନିଧି ବର୍ଗଙ୍କୁ ଜାତୀୟ ସଂହତି ପାଇଁ ଶପଥ ପାଠ କରାଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମିଳନୀରେ ଆଇନଜୀବୀ ବସନ୍ତ କୁମାର ମହାନ୍ତ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବାବେଳେ ଇଂ. ସରୋଜ କୁମାର ଦଣ୍ଡପାଟ ଅତିଥି ପରିଚୟ ଦେଇଥିଲେ। ଦାମୋଦର ପତି ସମ୍ମିଳନୀର ଆଭିମୁଖ୍ୟ ଓ ଡ ପୁଷ୍ପାରାଣୀ ପାତ୍ର ସଂଯୋଜନା ଏବଂ ସତ୍ୟାନନ୍ଦ ଶେଜପଡ଼ା ଧନ୍ୟବାଦ ଜଣାଇଥିଲେ। ବିଶ୍ୱ ଶାନ୍ତି ପାଇଁ ସଦଭାବନା ସମିତି ତରଫରୁ ପ୍ରତ୍ୟେକ ପୂର୍ଣ୍ଣିମାରେ ଆୟୋଜିତ ହେଉଥିବା ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ସର୍ବ ଧର୍ମ ସମ୍ପ୍ରଦାୟର ସିଦ୍ଧ ସନ୍ଥମାନଙ୍କୁ ଶ୍ରଦ୍ଧାସୁମନ ସହ ଯୋଗଦେବାକୁ ନିବେଦନ କରାଯାଇଥିଲା।

# ୪୧ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

## ବିଦ୍ୟୁତ ସଂଯୋଗ ନଥିବାରୁ ହନ୍ତସନ୍ତ ହେଉଛନ୍ତି ଶିଶୁ

**ଆନନ୍ଦପୁର,୪।୪(ସମିସ)**

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ଆନନ୍ଦପୁର ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଅନେକ ସମସ୍ୟା ଲାଗି ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି କେନ୍ଦ୍ରକୁ ପ୍ରତିଦିନ ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ କୋମଳମତି ଶିଶୁମାନେ ଆସୁଥିବା ବେଳେ ମଧ୍ୟ ପିଇବା ପାଣିର ଅଭାବ ଓ ବିଦ୍ୟୁତ ସଂଯୋଗ ନଥିବାରୁ ହନ୍ତସନ୍ତ ହେଉଥିବା ପରିସ୍ଥିତି ପରିଲକ୍ଷିତ ହୋଇଛି। ଆନନ୍ଦପୁର ବ୍ଲକ ଅଧୀନରେ ମୋଟ ୨୨୮ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୮୭ ଗୋଟି ନିଜସ୍ୱ କେନ୍ଦ୍ରରେ ଚାଲିଥିବା ବେଳେ ୨୧ଟି ଭଡ଼ାଘରେ ଚାଲିଥିବା ଏବଂ ୨୦ଟି ଅଙ୍ଗନବାଡି କେନ୍ଦ୍ର ବିଦ୍ୟାଳୟ ଗୃହରେ ଚାଲିଥିବା ଜଣାଯାଇଛି। ୧୨୮ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ



ଯୋଗୁ କୋମଳମତି ଶିଶୁମାନେ ଅସହ୍ୟ ତାତି ଓ ଗୁଳୁଗୁଳିରେ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ବଡ଼ବାଣ୍ଡସ୍ଥିତ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା କେନ୍ଦ୍ର ପାଖରେ ଅନାବନା ଗଛ ଉଠିଥିବାରୁ ସରୀସୃପଙ୍କ ଭୟ ଥିବାରୁ ଶିଶୁ ମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଅଙ୍ଗନବାଡି କେନ୍ଦ୍ର ପରିସର ସଫେଇ ଓ ସ୍ୱଚ୍ଛ ରଖିବା ପାଇଁ ଅନୁଦାନ ଆସୁଥିଲେ ମଧ୍ୟ ଏହା ଠିକ ଭାବେ ବିନିଯୋଗ ହୋଇପାରୁନାହିଁ। ଏନେଇ ଅଙ୍ଗନବାଡି ସୁପରଭାଇଜରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ବିଭିନ୍ନ ଆନୁଷଙ୍ଗିକ ଅସୁବିଧା ଯୋଗୁ ବିଦ୍ୟୁତ ସଂଯୋଗ ସମ୍ଭବ ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। କାରଣରୁ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ବିଦ୍ୟୁତ ସଂଯୋଗ ହୋଇପାରୁନଥିବା ସେ କହିଛନ୍ତି।

## ବେଲବାହାଳି ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ



**ବେଲବାହାଳି,୪।୪(ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପୁଲିସର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ପ୍ରତିଦିନ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆଇଏସଏଫ ଯବାନମାନଙ୍କୁ ନେଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନିତିନ କୁଶଲକର ଡାଗୁଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଆନନ୍ଦପୁର ଉପଖଣ୍ଡର ବେଲବାହାଳି, ଟୋଲଙ୍କପଡା, ମଙ୍ଗଳପୁର ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ସିଆଇଏସଫ ଯବାନମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ଘଷିପୁରା ଥାନା ଅଧିକାରୀ ସୁନିଲ କୁମାର କର ଉପସ୍ଥିତ ରହି ପୁଲିସ ବାହିନୀକୁ ପରିଚାଳନା କରିଥିଲେ।

● ଝାଞ୍ଜିରେ ସିଝୁଛି ହାଟଡିହୀ

## କଲବଲ କରୁଛି ଅସହ୍ୟ ଗରମ

**ହାଟଡିହୀ,୪।୪(ସମିସ):** କିଛିଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ତତଲା ଝାଞ୍ଜି ଯୋଗୁଁ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଉଠିଥିଲା ବେଳେ ସେଥିରୁ କେନ୍ଦୁଝର ଜିଲ୍ଲାର ହାଟଡ଼ିହୀ ଅଞ୍ଚଳଟି ବାଦ୍ ପଡ଼ିନି। କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବାରୁ ଲୋକେ ଅଣନିଃଶ୍ୱାସୀ ହୋଇଗଲେଣି। ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଏହି କ୍ରମରେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ତାପମାତ୍ରା ପ୍ରାୟ ୪୦ଡ଼ିଗ୍ରୀ ଅତିକ୍ରମ କରିଛି। ଗ୍ରୀଷ୍ମପ୍ରବାହର ତାତି ଯୋଗୁଁ ବିଭିନ୍ନ ଛକବଜାର ମାନଙ୍କରେ ଦିନ ୧୧ଟା ପରେ ଜନଶୂନ୍ୟ ପରି ଲାଗୁଛି। ଅସହ୍ୟ ଗରମରେ ବାରମ୍ବାର ବିଦ୍ୟୁତ୍ କାଟ୍ ଏକ ପ୍ରକାର ଯନ୍ତ୍ରଣା ଦାୟକ ହୋଇପଡ଼ିଛି। ଅସହ୍ୟ ଗରମର ବିଶେଷ ପ୍ରଭାବ ଦିନମଜୁରିଆ, ଟଲି ଓ ରିକ୍ସା ଚାଳକଙ୍କ ଉପରେ ପଡ଼ିଛି। ଏହି ପ୍ରଚଣ୍ଡ ତାତି ଯୋଗୁଁ ଚାରିଆଡ଼େ ଖାଁ ଖାଁ ପରିବେଶ ସୃଷ୍ଟି ହୋଇଛି। ଏହି ପ୍ରଚଣ୍ଡ ଖରା ସକାଶେ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ୨ତାରିଖ ଠାରୁ ସକାଳୁଆ ସ୍କୁଲ୍ କଲେଜ୍ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତାତି ନକମିଲା ଯାଏଁ ନିସ୍ତାର ନାହିଁ ବୋଲି କୁହାଯାଇଛି।

● ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

## ଉତ୍ତ୍ୟକ୍ତ ଲୋକେ ଜାଳିଦେଲେ ଟ୍ରକ୍

**କେନ୍ଦୁଝର,୪।୪(ସମିସ):** କେନ୍ଦୁଝର ସଦର ଥାନା ରାଇଗୁଡ଼ା ଠାରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଁ ରାସ୍ତାରେ ଗୋଟିଏ ଟ୍ରକ ଜଣେ ଯୁବକଙ୍କ ଉପରେ ଚଢିଯିବାରୁ ଯୁବଙ୍କ ମୃତ୍ୟୁ ପରେ ଲୋକ ଟ୍ରକରେ ନିଆଁ ଲଗାଇ ଦେଇଥିଲେ। ବାଂଶପାଳ ବ୍ଲକର ରାୟଗୁଡା ପଞ୍ଚାୟତରେ ଥିବା ଶ୍ରୀ ମେଟାଲିକ ପ୍ଲାଣ୍ଟ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ୧୪ ଚକିଆ ଟ୍ରକ୍ ଚାପି ଦେବାରୁ ସ୍ଥାନୀୟ ବିନିନ୍ଦା ଗ୍ରାମର ସନ୍ତୋଷ ଦେହୁରୀ ମୃତ୍ୟୁବରଣ କରିଥିଲେ। ସେ ପରିବାରର ଏକମାତ୍ର ରୋଜଗାରିଆ ପୁତ୍ର ଥିଲେ। ଗାଡ଼ି ଚକା ତଳେ ପଡି ତାଙ୍କର ଅଣ୍ଟାରୁ ମୁଣ୍ଡ ସମ୍ପୂର୍ଣ୍ଣ ଖଣ୍ଡଖଣ୍ଡ ହୋଇଯାଇଥିଲା। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ଉତ୍ତ୍ୟକ୍ତ ଲୋକେ ଟ୍ରକଟିକୁ ନିଆଁ ଲଗାଇ ଦେଇଥିବାରୁ ଟ୍ରକଟି ସମ୍ପୂର୍ଣ୍ଣ ଜଳି ଯାଇଛି। ରାତିରେ ଖବର ପାଇ ପୁଲିସ ଘଟଣାସ୍ଥଳେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତେବେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ନାତି ପାଖକୁ ଯାଇଥିବା ଜେଜେ ଭୁବନେଶ୍ୱରରେ ନିଖୋଜ



**ଆନନ୍ଦପୁର,୪।୪(ସମିସ):** ନିଜ ନାତିନାତୁଣୀଙ୍କୁ ଦେଖା କରିବାକୁ ଯାଇଥିବା ଜେଜେ ଭୁବନେଶ୍ୱରରେ ନିଖୋଜ ହୋଇଯିବା ଘଟଣା ପୁଲିସରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ୬ନଂ ୱାର୍ଡ ହରିଜନ ସାହିର ଭରତ ଜେନା(୭୫) କିଛି ଦିନ ହେବ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳରେ ରହୁଥିବା ନିଜ ନାତିନାତୁଣୀଙ୍କ ପାଖକୁ ଯାଇଥିଲେ। ଗତ ୧ ତାରିଖ ସନ୍ଧ୍ୟା ୫.୩୦ ସମୟରେ ନାତି ମନୋଜ ଜେନା ଓ ତାଙ୍କ ଭଉଣୀ କ୍ରୀଷ୍ଣା ମହାରଣା ନିକଟସ୍ଥ ଗ୍ରୋସରୀ ଦୋକାନକୁ ସଉଦା କିଣିବାକୁ ଯାଇଥିଲେ। ମାତ୍ର ସଉଦା କିଣି ସାରି ଘରକୁ ଫେରିବା ପରେ ଜେଜେ ବାପା ଭରତ ଜେନା ଘରେ ନଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ପରିବାର ଲୋକ, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କୁ ଜଣାଇବା ସହିତ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ବୃଦ୍ଧ ଜେଜେଙ୍କର କୌଣସି ପତ୍ତା ମିଳିନଥିଲା। ପରେ ନାତି ମନୋଜ ଜେନା ଜେଜେ ବାପାଙ୍କ ନିଖୋଜ ନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରି ଜେଜେ ବାପାଙ୍କୁ ଖୋଜି ଆଣିଦେବା ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ପରିବାରରେ କୌଣସି ମତମତାନ୍ତର କିମ୍ବା ବିବାଦ ନଥିବା ବେଳେ ବୃଦ୍ଧ ଭରତ ନିଖୋଜ ହୋଇଯିବା ନେଇ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି।

## ପୁରୁଣାବାନ୍ଧଗୋଡ଼ାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ରାମଚନ୍ଦ୍ରପୁର,୪।୪(ସମିସ):** ମତଦାନ ପାଖେଇ ଆସୁଥିବା ବେଳେ ଗାଁ ଗହଳିରେ ରାଜନୈତିକ ଉଷ୍ମତା ସେତିକି ଦେଖିବାକୁ ମିଳିଲାଣି। ଖରା ତାତିକୁ ଖାତିର ନକରି ପ୍ରଚାର ମୈଦାନରେ ନେତା ଓ ତାଙ୍କ ସମର୍ଥକ ଭିଡ ଜମାଇଲେଣି। ଏହି କ୍ରମରେ କେନ୍ଦୁଝର ଜିଲ୍ଲା ରାଜନୀତିରେ ଚର୍ଚ୍ଚିତ ରାଜନେତା ତଥା ବିଜେଡି ଦଳର ଭେଟେରାନ ଲିଡର ବଦ୍ରିନାରାୟଣ ପାତ୍ର ନିଜ ନିର୍ବାଚନ ମଣ୍ଡଳୀ ଘଷିପୁରା ଠାରେ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ଆଜି ଘଷିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡା ପଞ୍ଚାୟତ ତିଗିରିଆ ଗ୍ରାମରେ ଘରେ



ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଚାର ସମୟରେ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଘସିପୁରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଓ ବିଜେପି ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନଥିବାବେଳେ ପାଞ୍ଚ ଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ୪୦ ଡିଗ୍ରୀ ଖରାକୁ ଖାତିର ନକରି କର୍ମୀମାନଙ୍କ ସହ ଗାଁ ଗାଁ ଘରକୁ ଘର ବୁଲି ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟକୁ ପାଥେୟ କରି ଭୋଟ ମାଗୁଥିବା ଦେଖିବାକୁ ମିଳିଛି। ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ସମାଜସେବୀ ସୁଜିତ କୁମାର ଧୀର, ସନ୍ତୋଷକୁମାର ଧୀର, ପ୍ରଦିପ ନାୟକ, ପ୍ରଭାସ ଦାସ, ସୌମେନ୍ଦ୍ର କୁମାର ଧୀର, ରିଟୁ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ତିଗିରିଆ ଗ୍ରାମର ବନୋଜ ବେହେରା, ମାୟାଧର ରାଉତ, ନେତୁ ବେହେରା, ଗାଣ୍ଠୂଚରଣ ବେହେରା, ଶୈଳନ୍ଦ୍ର ବାରିକ, ମହେନ୍ଦ୍ର ବେହେରା, ଶାନ୍ତନୁ ଦାସ, ବିଦ୍ୟାଧର ଜେନା, ପରେଶ ପଟ୍ଟନାୟକ ସମେତ ପାଖ ପଡୋଶୀ ଗ୍ରାମରୁ ଶତାଧିକ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ।

## ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ରାମଚନ୍ଦ୍ରପୁର,୪।୪(ସମିସ):** ସ୍ଥାନୀୟ ସାଇଁକୁଳ ନେହରୁ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦିବଂଗତ ଆଦର୍ଶ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଗ୍ରାମର ବରିଷ୍ଠ ନାଗରିକ ଅନନ୍ତ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଉମାକାନ୍ତ ଯେନାଙ୍କ ସଂଯୋଜନାରେ ଗୋପିନାଥ ସ୍ୱାଇଁ, ପ୍ରଦୀପ କୁମାର ଚକ୍ର, ବିନୋଦ ବିହାରୀ ଜେନା, ଲିଲିମା ଖୁଣ୍ଟିଆ, ସଦାଶିବ କବି, ହରିହର ବେହେରା, ନରହରି ରାଉତ ମାର୍କଣ୍ଡ ସାମଲ, ବ୍ରହ୍ମାନନ୍ଦ ପଟନାୟକ, ସୁରେନ୍ଦ୍ର ନାୟକ, ଶରତ ରାଉତ, ଗଙ୍ଗାଧର ପତି, ଆନନ୍ଦ ନାୟକ, ପରେଶ କୁଅଁର ଓ ସୁବାସ ଚନ୍ଦ୍ର ଚକ୍ର ପ୍ରମୁଖ ସ୍ୱର୍ଗତ ଶିକ୍ଷକଙ୍କ ନିଷ୍ଠା ଓ ଆଦର୍ଶର ଅଭୂଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଜଳଧର ବେହେରା, ଜଗବଂଧୁ ପରିଡା, ମୋହନ ଚକ୍ର, ଅର୍ଜୁନ କର, ହରିହର ମଲ୍ଲିକ ଆଦିତ୍ୟ ମିଶ୍ର, ତ୍ରିଲୋଚନ ପରିଡା, ଦେବେନ୍ଦ୍ର ମିଶ୍ର, ନିରଞ୍ଜନ ପତି, ବାଦଲ ଭଞ୍ଜ ସୁରେଶ ଚକ୍ର, ପ୍ରଦୀପ ମହାନ୍ତି, ଅରୁଣ ଭୁୟାଁ ସୁଜିତ ଜେନା ଦିବାକର ନାୟକ, ଚିତ୍ତରଞ୍ଜନ ପରିଡା ଓ ହରମୋହନ ପରିଡା ପ୍ରମୁଖ ଶତାଧିକ ପୁରାତନ ଛାତ୍ର ଯୋଗ ଦେଇଥିବା ବେଳେ ଶ୍ରୀକାନ୍ତ ସେନାପତି, ଅନନ୍ତ ନାରାୟଣ ଦାସ, ପ୍ରଶାନ୍ତ ଚକ୍ର, ମନୋଜ ପରିଡା ଓ ବିଷ୍ଣୁ ସାମଲ, କାଶିମ ଖାଁ ଓ ସହଯୋଗରେ ରମେଶ ଚକ୍ର, ଭାଗିରଥି ପରିଡା, ମନ୍ମଥ ବେହେରା, ମହେନ୍ଦ୍ର ଚକ୍ର ଓ ଦୈତାରୀ ବିଶ୍ୱାଳ ପ୍ରମୂଖ ସକ୍ରିୟ ସହଯୋଗ କରିଥିଲେ।

## ଓକିଲ ସଂଘ ଦାୟିତ୍ୱ ଗ୍ରହଣ କଲେ ନବନିର୍ବାଚିତ କର୍ମକର୍ତ୍ତା



**ଆନନ୍ଦପୁର,୪।୪(ସମିସ):** ଗତ ୩୦ ତାରିଖରେ ଶେଷ ହୋଇଥିବା ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାମାନେ ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି। ଏହି ଉପଲକ୍ଷେ ଓକିଲ ସଂଘ ସଭାଗୃହରେ ଆୟୋଜିତ ସଭାରେ ନିର୍ବାଚନ ଅଧିକାରୀ ଆଇନଜିବୀ ରାମଚନ୍ଦ୍ର ପାତ୍ର ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ଚିତ୍ତରଞ୍ଜନ ଦାଶ, ଉପସଭାପତି ହେମରଞ୍ଜନ ବେହେରା, ସମ୍ପାଦକ ଭଗବାନ ମଲିକ, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ଜେନା, କୋଷାଧକ୍ଷ ଅମୀୟ କୁମାର ଜେନା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଜୁମର ସିଂ ମହାନ୍ତି, କହ୍ନେଇ ଚରଣ ସାହୁ, ଶୈଲେଶ କୁମାର ପଟ୍ଟନାୟକଙ୍କୁ ଶପଥ ପାଠ କରାଇଥିଲେ। ପରେ ନବନିର୍ବାଚିତ କର୍ମକର୍ତ୍ତା ମାନେ ବୃତ୍ତି ଓ ପ୍ରବୃତିର ମର୍ଯ୍ୟାଦା ରକ୍ଷା କରିବା ସହିତ ସମସ୍ତ ସଦସ୍ୟମାନଙ୍କ ପାଇଁ ସମାନ ନୀତି ଓ ସମ୍ମାନ ଧାରାରେ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ସଂଜୟ କୁମାର ମିଶ୍ର, ଦୟାନିଧି ଦାଶଙ୍କ ସମେତ ଅନେକ ଆଇନଜିବୀ ଉପସ୍ଥିତି ଥିଲେ।

## ବେଲବାହାଳିରେ ମା' କଦଳେଇଙ୍କ ବାର୍ଷିକ ଉତ୍ସବ



ବେଲବାହାଳି,୪।୪(ସମିସ): ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରାମର ଗ୍ରାମଦେବତୀ ମା' କଦଳେଇ ଠାକୁରାଣୀଙ୍କ ୪ର୍ଥତମ ବାର୍ଷିକ ଉତ୍ସବ ଚୈତ୍ର ମାସ ୨୨ ଦିନରେ ଆଜି ବହୁ ଆଡ଼ମ୍ବରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ସଂକଳ୍ପରେ ନୃସିହ ସାହୁ ଏବଂ ଅଶାନ୍ତି ସାହୁ ବସିଥିବା ବେଳେ ପଣ୍ଡିତ ଉଗ୍ରସନ ପଣ୍ଡା ରୀତିନୀତିରେ ପୂଜାର୍ଚ୍ଚନା କରି ଭକ୍ତ ମାନଙ୍କ ପାଇଁ ମାଙ୍କ ନିକଟରେ ଗୁହାରି କରିଛନ୍ତି। ସକାଳୁ କୁସେଇ ନଦୀରେ କଳସ ବୁଡାଇ ବାଜାଢୋଲ ବଜାଇ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟରେ କଳସ ସ୍ଥାପନ କରି ସୂର୍ଯ୍ୟପୂଜା, ଗଣପତି ଘଟପୂଜା, ଦେବୀ ଘଟପୂଜା, ବର୍ଦ୍ଧନି ଘଟପୂଜା, ପାଶ୍ୱର୍ଦେବତା, ହୋମଯଜ୍ଞ, ଭଜନ କୀର୍ତ୍ତନ, ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିର କମିଟିର ସଭାପତି ସୁଦାମ ସାହୁ ଏବଂ ସମ୍ପାଦକ ଧନେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଶାନ୍ତିଶୃଙ୍ଖଳାରେ କମିଟିର ସଦସ୍ୟ ମାନେ କାର୍ଯ୍ୟକ୍ରମ ତୁଲାଇଥିଲେ। ଗ୍ରାମଦେବତୀଙ୍କ ସେବକ ନରହରି ଦେହୁରୀ ଏବଂ ଶ୍ରୀଧର ଦେହୁରୀ ଏବଂ ଆତୁଳ ମଣ୍ଡଳ ପୂଜା କରିଆସୁଥିବା ବେଳେ ମହିଳା ଓ ପୁରୁଷ ଭକ୍ତମାନଙ୍କ ମଧ୍ୟରେ ଏକତା ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ଗ୍ରାମର ପ୍ରତେକ ସାହିରୁ କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

## ସିଦ୍ଧୁଙ୍କୁ ପ୍ରାର୍ଥୀ ଘୋଷଣାପରେ ବିଜେଡି କର୍ମୀ ଉତ୍ସାହିତ



**ଆନନ୍ଦପୁର,୪।୪(ସମିସ):** କେନ୍ଦୁଝର ଲୋକସଭା ଆସନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଧନୁର୍ଜୟ ସିଦ୍ଧୁଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଆନନ୍ଦପୁରରେ ବିଜୁ ଜନତା ଦଳର ନେତୃବୃନ୍ଦ ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇଥିବା ଜଣାଯାଇଛି। ବିଜୁ ଜନତା ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ସିଦ୍ଧୁଙ୍କୁ ପ୍ରାର୍ଥୀ କରିଥିବାରୁ ସେ ଦଳରେ ଗ୍ରହଣୀୟ ହୋଇଥିବା ଜଣାଯାଇଛି। ଶ୍ରୀ ସିଦ୍ଧୁ ପୂର୍ବରୁ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ତେଲକୋଇରେ ବିଜେପି ସଂଗଠନକୁ କ୍ରିୟାଶୀଳ କରାଇବା ଓ ତାଙ୍କ ଲୋକପ୍ରିୟତା ବୃଦ୍ଧି ପାଇବାରୁ ସଂଗଠନ ନେତୃବୃନ୍ଦଙ୍କ ପରାମର୍ଶ କ୍ରମେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। କେନ୍ଦୁଝର ଲୋକସଭା ପାଇଁ ବିଜେପି ପୂର୍ବତନ ସାଂସଦ ଅନନ୍ତ ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ସିଦ୍ଧୁ ଏବେ ଚର୍ଚ୍ଚାର ଆଗଧାଡିରେ ଥିବା ଜଣାଯାଇଛି। ତାଙ୍କର ପ୍ରାର୍ଥିତ୍ୱକୁ ନେଇ ଆନନ୍ଦପୁର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।

## ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ଦାବି

**ତେଲକୋଇ,୪।୪(ସମିସ):** କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ କୃଷି ବହୁଳ ଅଞ୍ଚଳ ହୋଇଥିବା ବେଳେ କୃଷି କ୍ଷେତ୍ରରେ ବ୍ୟାପକ ସମସ୍ୟା ଦେଇ ଗତି କରୁଛି। ଅଞ୍ଚଳର ଚାଷୀ ମାନେ ବିହନ, ସାର, କୀଟନାଶକ କ୍ରୟ ଏବଂ ଅମଳ ଧାନ ବିକ୍ରୟ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଶେଷ ଭାବରେ ତେଲକୋଇ ବ୍ଲକରେ ନୂତନ ଭାବରେ ଗଠନ ହୋଇଥିବା ଦେଉଳ ଡିହା - କରଦାଙ୍ଗି ସମବାୟ ସମିତି, ଆକୁଳ - ଭିମକାଣ୍ଡ ସମବାୟ ସମିତି ଏବଂ ପୋଡାଙ୍ଗ - କରମଙ୍ଗି ସମବାୟ ସମିତିରେ ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ହୋଇ ନଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀ ଏହି କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଯାହା ଫଳରେ ନୂତନ ସମବାୟ ସମିତିର ସୁବିଧା ସୁଯୋଗ ଚାଷୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଖୋଲା ଯାଇଥିବା ନୂତନ ସମବାୟ ସମିତି କାର୍ଯ୍ୟାଳୟରେ ତୁରନ୍ତ ସ୍ଥାୟୀ ପରିଚାଳକ ନିଯୁକ୍ତି ପାଇଁ ଦାବି ହୋଇଛି।

## ବେତିରା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ



**ସୋସୋ,୪।୪(ସମିସ):** ହାଟଡିହି ବ୍ଲକର ମରୈଗାଁ ପଞ୍ଚାୟତ ବେତିରା ଗ୍ରାମର ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ୭୦ ବର୍ଷରୁ ଉଦ୍ଧ୍ୱର୍ ଧରି ଚାଲିଥିବା ଏହି ଅଷ୍ଟପ୍ରହରୀ ଗତ ୨ ତାରିଖ ଅଧିବାସ କଳସ ଅଣାଯାଇଥିବା ବେଳେ ଗତକାଲି ସଂକୀର୍ତ୍ତନ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ନଗର ପରିକ୍ରମା କରାଯାଇଥିଲା। ଏହିସମୟରେ ଯତିନ୍ଦ୍ର ଦାସ, ଶ୍ରୀଧର ଦାସ, ଲିପୁ ଦାସ, କୁଶ ଦାସ ପ୍ରମୁଖ ବହୁ ଗ୍ରାମର ଯୁବକ ଏବଂ କମିଟିର ସଦସ୍ୟ ସହଯୋଗ କରିଥିବାବେଳେ କୃତ୍ତିବାସ ଦାସ, ଅଜୟ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଦେଓଗାଁର ଐତିହାସିକ ପଥରବନ୍ଧ ଜରାଜୀର୍ଣ୍ଣ

# ନଷ୍ଟ ହୋଇଯାଉଛି ପୁରାତନ କୀର୍ତ୍ତିରାଜି

**ଆନନ୍ଦପୁର,୪।୪(ସମିସ)**

ପ୍ରାୟ ୯୦୦ ଖ୍ରୀଷ୍ଟାବ୍ଦରେ ରାଜା ଯଯାତି କେଶରୀ କୁଶେଇ ନଦୀର ବନ୍ୟା ଦାଉରୁ ଦେଓଗାଁ ଅଞ୍ଚଳକୁ ରକ୍ଷା କରିବା ପାଇଁ ଏଠାରେ ନିର୍ମାଣ କରାଯାଇଥିବା ଓଡିଶାର ଦ୍ୱିତୀୟ ପଥର ବନ୍ଧ ଆଜି ଜରାଜୀର୍ଣ୍ଣ ହୋଇପଡିଛି। ପ୍ରଶାସନିକ ଅବହେଳା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହୋଇଯାଉଥିବାରୁ ବିଭିନ୍ନ ମହଲରେ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ୫୦୦ ମିଟର ଲମ୍ବ ଏହି ବନ୍ଧ ନଦୀ ପତନଠାରୁ ପ୍ରାୟ ୧୫ ଫୁଟ ଉଚ୍ଚତାରେ ନିର୍ମାଣ ହୋଇଥିଲା। ଦୁଇପାଶ୍ୱର୍ରେ ଆଡି ବନ୍ଧ ସହ ୧୨ ଫୁଟ ଓସାରର ଏହି ପଥର ବନ୍ଧ ଉପରେ ଛୋଟ ଛୋଟ ଗମ୍ବୁଜ ନିର୍ମାଣ କରାଯାଇଥିଲା। ଏହି ପଥର ବନ୍ଧ ଉପରୁ ବନ୍ୟା ପରିସ୍ଥିତି ନିରୀକ୍ଷଣ କରାଯିବାର ବ୍ୟବସ୍ଥା



ଥିବା ବେଳେ ନଦୀକୁ ସ୍ନାନ ଶୌଚ ପାଇଁ ଯିବାକୁ ୪ ଗୋଟି ଘାଟର ବ୍ୟବସ୍ଥା ରହିଛି। କୁଶେଇ ନଦୀର ବନ୍ୟା ଦାଉରୁ ରକ୍ଷା କରିବା ଲାଗି ନିର୍ମିତ ପଥରବନ୍ଧ ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ହୋଇପଡିଛି। ପ୍ରତିବର୍ଷ ଏହାର ମରାମତି ପାଇଁ ସରକାରୀ ଅନୁଦାନ ବ୍ୟୟ କରାଯାଉଥିଲେ ମଧ୍ୟ ଏହି ପୁରାତନ କୀର୍ତ୍ତିରାଜି ସୁରକ୍ଷିତ ନୁହେଁ ବୋଲି ଜଣାଯାଇଛି। ଜଳସେଚନ ବିଭାଗ (ବନ୍ୟା) ପକ୍ଷରୁ ଏହି ବନ୍ଧର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ପଥରବନ୍ଧ ପରିବର୍ତ୍ତେ ମାଟିବନ୍ଧରେ ଏହି ଅର୍ଥ ବିନିଯୋଗ କରାଯାଉଥିବାରୁ ଏହି ପ୍ରାଚୀନ ପଥରବନ୍ଧ ଭୁଶୁଡି ପଡିବା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ଜଳସେଚନ ବିଭାଗ (ବନ୍ୟା) ଅଧୀନରେ ଥିବା ଏହି ପଥରବନ୍ଧ ଆଜକୁ କିଛି ଦିନ ହେବ ଅସୁରକ୍ଷିତ ହୋଇପଡି ଭୁଶୁଡି ପଡିବା ପରିସ୍ଥିତି ସୃଷ୍ଟି ହୋଇଛି। ଦେଓଗାଁର କୁଶେଇ ନଦୀ କୂଳରେ ରହିଛି ଓଡିଶାର ସର୍ବ ପୁରାତନ ଶୈବପୀଠ ଶ୍ରୀକୁଶଳେଶ୍ୱରଙ୍କ ମନ୍ଦିର। ଏହି ମନ୍ଦିର ସମ୍ମୁଖରେ ଥିବା ପଥରବନ୍ଧ ଦୀର୍ଘ ଦିନ ଧରି ରକ୍ଷଣାବେକ୍ଷଣ ହେଉନଥିବାରୁ ଅନାବନା ଗଛଲତା ମାଡିଯାଇ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ପଥରବନ୍ଧର ସୁରକ୍ଷା ଜରୁରୀ ହୋଇପଡିଥିବାରୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରେ ଦାବି ହୋଇଛି।

## ସୁଧୀରଙ୍କୁ ସହାୟତାର ହାତ ବଢ଼ାଇଲା ମହାବୀର ସେବା ସଙ୍ଗଠନ

**ଆନନ୍ଦପୁର,୪।୪(ସମିସ):** ଅର୍ଥ ଅଭାବରୁ ତିନିମାସ ହେଲା ରୋଗ ଶଯ୍ୟାରେ ପଡ଼ି ରହିଛନ୍ତି ସୁଧୀର ତ୍ରିପାଠୀ। ଏ ଖବର ପ୍ରକାଶ ହୋଇଥିଲା। ପ୍ରକାଶିତ ଖବର ଦେଖି ଆଜି ମହାବୀର ସେବା ସଙ୍ଗଠନର ସଦସ୍ୟ ଓ ସଦସ୍ୟାମାନେ ସହଯୋଗର ହାତ ବଢାଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଛାଳ ପଞ୍ଚାୟତ ରୁଦ୍ରନାରାୟଣପୁର ଗ୍ରାମର ସୁଧୀର ତ୍ରିପାଠୀ (୬୫)ଙ୍କ ବ୍ରେନ୍ ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ତିନିମାସ ହେଲା ଶଯ୍ୟାରେ ପଡ଼ିରହିଛନ୍ତି। ସେ ଜଣେ ଦୀନ ମଜୁରିଆ ହୋଇଥିବା ବେଳେ ପରିବାର କହିଲେ ପତ୍ନୀ ସଞ୍ଜୁଲତା ତ୍ରିପାଠୀଙ୍କ ଛଡା ଆଉ କେହି ନିଜର ବୋଲି ନାହାନ୍ତି। ସୁଧୀର ସୁସ୍ଥ ଥିବା ବେଳେ ଏକ ଘରୋଇ କମ୍ପାନୀରେ କାମ କରି ଯାହା ରୋଜଗାର କରନ୍ତି ସେଇ ସ୍ୱଳ୍ପ ରୋଜଗାର ଗୁଜୁରାଣ ମେଣ୍ଟାଉଥିଲେ। ଏବେ ତିନିମାସ ହେଲା ବ୍ରେନ୍‌ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାରେ ପଡ଼ିରହି ଥିବା ବେଳେ ପତ୍ନୀ ସଞ୍ଜୁଲତା ଚିନ୍ତାରେ ଥାଇ ଆଖିରୁ ଲୁହ ଗଡ଼ାଇ ଦୀନ କାଟୁଛନ୍ତି। ପରିବାର ଚାଲିବା ବୋହୁ କଷ୍ଟକର ହେଉଥିବା ବେଳେ ଓଳିଏ ଖାଇଲେ ଆର ଓଳିକୁ ନାହିଁ ବନ୍ଧୁବାନ୍ଧବ ଓ ପ୍ରିୟଜନ ମାନେ ଯାହା ଦେଉଛନ୍ତି ତାହାକୁ ଖାଇ ଦୀନ କାଟୁଥିବା ବେଳେ ଔଷଧ ଖାଇବା ପାଇଁ ଅର୍ଥ ନଥିବାରୁ ସହାୟତା ପାଇଁ ନିବେଦନ କରିଥିଲେ। ଆଜି ଆନନ୍ଦପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା



ସଙ୍ଗଠନ କର୍ମକର୍ତ୍ତା ବାବୁଲି ସାହୁ, ପ୍ରସନ୍ନ ଜେନା, ସନ୍ତୋଷ ରାଉତ, ଲିପାଞ୍ଜଳି ଜେନା, ବଦ୍ରିନାଥ ପରିଡା, ମହେନ୍ଦ୍ର ପାତ୍ର, ସୁରେନ୍ଦ୍ର ନାଏକ, ମାମୁନି ଜେନା, ସତ୍ୟରଞ୍ଜନ ଜେନା ପ୍ରମୁଖ ତାଙ୍କ ପରିବାର ଭେଟି ଦୁଇ ହଜାର ଟଙ୍କା ଆର୍ଥିକ ସାହାଯ୍ୟ କରିବା ସହ ଏକ ମାସ ପାଇଁ ରାସନ ସାମଗ୍ରୀ ପ୍ରଦାନ କରିଥିଲେ।

